## ସଂକ୍ଷେପରେ

### ଘର ଭିତରୁ ମହିଳାଙ୍କ ମୃତଦେହ ଜବତ

**ନାକଟିଦେଉଳ,୧୫।୬(ଡି.ଏନ.ଏ.):** ନାକଟିଦେଉଳ ଥାନା ଅନ୍ତର୍ଗତ ଗଜାବୁରୀ ସାହିର ଏକ ଘର ଭିତରୁ ଜଣେ ମହିଳାଙ୍କ ମୃତଦେହ ବୁଧବାର ଜବତ ହୋଇଛି। ସେ ହେଲେ ଜିବିୟା ଟପ୍ପୋଙ୍କ ସ୍ତ୍ରୀ ରିଙ୍କି ଶବର। ରିଙ୍କି ପୂର୍ବରୁ ଚାରମାଳରେ ବିବାହ କରିଥିବାବେଳେ ଦୁଇଟି ସନ୍ତାନ ଅଛନ୍ତି। ତେବେ ପୂର୍ବ ସ୍ୱାମୀ ଓ ପିଲାଛୁଆଙ୍କୁ ଛାଡ଼ି ପ୍ରାୟ ୧ବର୍ଷ ହେବ ସେ ଜିବିୟାଙ୍କ ସ୍ତ୍ରୀ ଭାବେ ଏଠାରେ ରହୁଥିଲେ। ମଙ୍ଗଳବାର ପହିଲି ରଜ ଥିବାରୁ ଆଦିବାସୀ ସମ୍ପ୍ରଦାୟର ଅନ୍ୟମାନଙ୍କ ସହ ରିଙ୍କି ମଦ୍ୟପାନ କରି ମଉଜ କରିଥିଲେ। ମଦପିଇ ରିଙ୍କି ଘରକୁ ଆସୁଥିବା ଖବର ପାଇ ଜିବିୟା ଅଧା ବାଟରୁ ତାଙ୍କୁ ଧରି ଘରକୁ ଆଣି ଶୁଆଇ ଦେଇଥିଲେ। ତେବେ ରାତ୍ରିରେ ଜିବିୟା ଖାଇପିଇ ଶୋଇବାକୁ ଯିବାବେଳେ ରିଙ୍କି ମରିପଡ଼ିଥିବା ଦେଖିଥିଲେ। ବୁଧବାର ସକାଳୁ ନାକଟିଦେଉଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘର ଭିତରୁ ମହିଳାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇବା ସହ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### କୁଟୁରା ଶିକାର ଅଭିଯୋଗରେ ୨ ଗିରଫ



**ରେଢ଼ାଖୋଲ,୧୫।୬(ଡି.ଏନ.ଏ.):** ରେଢ଼ାଖୋଲ ବନଖଣ୍ଡର ଲଣ୍ଡାକୋଟ ସଂରକ୍ଷିତ ଜଙ୍ଗଲରେ କୁଟୁରା ଶିକାର ଅଭିଯୋଗରେ ବନବିଭାଗ ବୁଧବାର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚାରମାଳ ଥାନା ମୋଚିବାହାଲ ଗ୍ରାମର ମଧୁସୂଦନ ବେହେରା (୩୦) ଓ ଅଖୁଜ ଭୋଇ (୨୩)। ବନ୍ୟପ୍ରାଣୀ ଶିକାର ନିରୋଧ ଆଇନରେ ଉଭୟଙ୍କ ନାମରେ ମାମଲା ରୁଜୁ ହୋଇଥିବା ବଡମାଳ ରେଞ୍ଜ ଅଧିକାରୀ ପ୍ରଦୀପ ସେଠୀ କହିଛନ୍ତି। ଗୁରୁବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ। ମଙ୍ଗଳବାର ରାତିରେ ଉଭୟେ ଲଣ୍ଡାକୋର୍ଟ ସଂରକ୍ଷିତ ଜଙ୍ଗଲରୁ କୁଟୁରା ଶିକାର କରି ଫେରୁଥିବା ଖବର ପାଇ ରେଞ୍ଜ ଅଫିସର ସେଠୀ ଓ ମୋଚିବାହାଲ ଫରେଷ୍ଟର ସୁନୀଲ ମିର୍ଦ୍ଧା ଚଢ଼ାଉ କରି କୁଟୁରା ମାଂସ ଜବତ କରିବା ସହ ସେମାନଙ୍କୁ ଗିରଫ କରିଥିଲେ।

### ନାବାଳିକା ବଳାତ୍କାର: ଯୁବକ ଗିରଫ

**ରେଢ଼ାଖୋଲ,୧୫।୬ (ଡି.ଏନ.ଏ.):** ରେଢ଼ାଖୋଲ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ଅଭିଯୋଗରେ ପୋଲିସ ଗୋବିନ୍ଦପୁର ଗ୍ରାମର ରୋଶନ ହାତି (୨୩)ଙ୍କୁ ଗିରଫ କରିଛି। ନାବାଳିକାଙ୍କ ପିତାଙ୍କ ଅଭିଯୋଗ କ୍ରମେ ପୋଲିସ ଥାନା କେସ୍ ନଂ.୧୨୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଯୁବକଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ମତେ ରୋଶନ ଗତ ୧୧ ତାରିଖରେ ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ତେବେ ପରିବାର ଲୋକେ ଖୋଜାଖୋଜି କରିବା ପରେ କୌଣସି ସନ୍ଧାନ ନ ପାଇବାରୁ ୧୨ ତାରିଖରେ ରେଢ଼ାଖୋଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରୁଥିବାବେଳେ ମଙ୍ଗଳବାର ଅନୁଗୋଳ ଜିଲା ଆଠମଲ୍ଲିକରୁ ଉଭୟଙ୍କୁ ଉଦ୍ଧାର କରି ବୁଧବାର ରେଢ଼ାଖୋଲ ଡାକ୍ତରଖାନାରେ ଡାକ୍ତରୀମାଇନା କରିଥିଲା।

### ଭାଜପା ଯୁବମୋର୍ଚ୍ଚାର ବାଇକ ରାଲି

**ଲୋଇସିଂହା,୧୫।୬(ଡି.ଏନ.ଏ):** ମୋଦି ସରକାରର ୮ ବର୍ଷ ପୂର୍ତ୍ତି ଉପଲକ୍ଷେ ବଲାଙ୍ଗୀର ଜିଲା ଲୋଇସିଂହା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବ୍ଲକର ୩୪ନଂ ଜୋନ ଅନ୍ତର୍ଗତ ସରଗାଡଠାରୁ ଉପରବାହାଲ ପର୍ଯ୍ୟନ୍ତ ଏକ ବାଇକରାଲି ଅନୁଷ୍ଠିତ ହୋଇଯାଇଛି। ରାଜୁ ସାହୁଙ୍କ ନେତୃତ୍ୱରେ ଯୁବନ୍‌ମୋର୍ଚ୍ଚା ସଦସ୍ୟମାନେ ଗାଁକୁ ଗାଁ ଯାଇ ଗରିବ କଲ୍ୟାଣକାରୀ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରିଥିଲେ। ଜିତୁ ସାହୁ ଏବଂ ବହୁ ସଂଖ୍ୟାରେ ଯୁବ ସଦସ୍ୟ ରାଲିରେ ସାମିଲ ହୋଇଥିଲେ।

# ଡେବ୍ରିଗଡ଼କୁ ଆସିଲା ୫ ସଫାରି ଗାଡ଼ି

**ସମ୍ବଲପୁର,୧୫।୬(ବ୍ୟୁରୋ)**

ସମ୍ବଲପୁର ଡେବ୍ରିଗଡ ଅଭୟାରଣ୍ୟରେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ୫ ଗୋଟି ଏସି ସୁବିଧା ଥିବା ସଫାରି ଗାଡି ବୁଧବାର ଶୁଭାରମ୍ଭ ହୋଇଛି। ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ହୀରାକୁଦ ବନ୍ୟପ୍ରାଣୀ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସଙ୍କ ଉପସ୍ଥିତିରେ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ପୂର୍ବରୁ ୯ ଗୋଟି ସାଧାରଣ ସଫାରି ରହିଥିବାବେଳେ ପ୍ରତିଥର ୧୨୦ ପର୍ଯ୍ୟଟକଙ୍କୁ ନେବାର କ୍ଷମତା ରହିଥିଲା। ଏବେ ସଫାରି ସଂଖ୍ୟା ୧୪ରେ ପହଞ୍ଚିଛି। ଫଳରେ ଅଧିକ ପର୍ଯ୍ୟଟକଙ୍କୁ ଭ୍ରମଣ ସୁବିଧା ଯୋଗାଇ ଦିଆଯାଇ ପାରିବ ବୋଲି ଡିଏଫ୍‌ଓ ଦାସ କହିଥିଲେ।

ସେ ଆହୁରି କହିଥିଲେ, ପର୍ଯ୍ୟଟନ କ୍ଷେତ୍ରରେ ଡେବ୍ରିଗଡର ସ୍ୱତନ୍ତ୍ର ପରିଚୟ ରହିଛି। ରାଜ୍ୟ ତଥା ରାଜ୍ୟ ବାହାର ଛତିଶଗଡ, ପଶ୍ଚିମବଙ୍ଗ ସହିତ ୨୫ ରାଜ୍ୟରୁ ପର୍ଯ୍ୟଟକ ଏଠାକୁ ଆସନ୍ତି। କୋଭିଡ୍ ସମୟରେ ଗତବର୍ଷ ୫୫ ହଜାର ପର୍ଯ୍ୟଟକ ଆସିଥିବା ରେକର୍ଡ ରହିଛି। ଏବେ କୋଭିଡ୍ କଟକଣା ନ ଥିବାରୁ ଏହି ସଂଖ୍ୟା ବୃଦ୍ଧି ପାଇବା ଆଶା କରାଯାଉଛି। ସେମାନଙ୍କ ସୁବିଧା ପାଇଁ ଆଉ ୫ ଶୀତତାପ ନିୟନ୍ତ୍ରିତ (ଏସି) ଗାଡି ଆରମ୍ଭ କରାଯାଇଛି। ୪ ଜଣ କ୍ଷମତା ଥିବା ୩ ଗୋଟି ମହିନ୍ଦ୍ରା ଗାଡି ଓ ୧୨ ଜଣ କ୍ଷମତା ଥିବା (ଏସି) ମିନିବସ୍ ରହିଛି। ପୂର୍ବରୁ ସଫାରି ଗାଡିଗୁଡିକ କେବଳ ଅଭୟାରଣ୍ୟ ଭିତରେ ପର୍ଯ୍ୟଟକଙ୍କୁ ବୁଲାଉଥିଲେ। ଏବେ ସେମାନେ ଏହି ଗାଡ଼ିରେ ବସି ସମ୍ବଲପୁର ସମଲେଇ ମନ୍ଦିର, ସମ୍ବଲପୁରର ବିଭିନ୍ନ ବଜାର, ଡିୟର ପାର୍କ ବୁଲିବେ। ବରଗଡ ଜିଲା ନୃସିଂହନାଥ ମନ୍ଦିର, ବାରପାହାଡ ରେଞ୍ଜ ଅଧୀନରେ ଥିବା କେଦାରନାଥ ମନ୍ଦିରକୁ ଗାଡି ଚାଲିବ। ଆଗକୁ ପର୍ଯ୍ୟଟକଙ୍କ ସୁବିଧା ପାଇଁ ରୁଟ୍ ଚାର୍ଟରେ ପରିବର୍ତ୍ତନ କରାଯାଇପାରେ। ପର୍ଯ୍ୟଟକଙ୍କ ପାଇଁ ଅଭୟାରଣ୍ୟ ଭିତରେ ରହିବା, ଖାଇବା, ବୁଲିବା ଭଳି ସୁବିଧା ରହିଛି। ସାଇକେଲିଂ, ଟ୍ରାକିଂ, ବୋଟିଂ ଭଳି ମନୋରଞ୍ଜନ ସୁବିଧା ନେଇପାରିବେ। ସମସ୍ତ କାର୍ଯ୍ୟ ଇକୋ ଟୁରିଜମ ଦ୍ୱାରା ପରିଚାଳିତ ହେଉଛି। ଆଖପାଖ ଗ୍ରାମର ମହିଳା, ଯୁବତୀ, ଯୁବକ ନିଯୁକ୍ତି ପାଇଛନ୍ତି। ଏଥିରୁ ଆୟ ହେଉଥିବା ଟଙ୍କାରେ ସେମାନଙ୍କୁ ଆର୍ଥିକ ସହାୟତା ଦିଆଯାଉଛି। ଅଭୟାରଣ୍ୟରେ ହରିଣ, ବାଘ, ଭାଲୁ, ମୟୂର, ଶମ୍ବର, କୁଟୁରା, ବାର୍‌ହା ପ୍ରଭୃତି ବନ୍ୟପ୍ରାଣୀ ଦେଖିବାକୁ ମିଳୁଥିବା ବେଳେ ବିଭିନ୍ନ ପ୍ରଜାତିର ପକ୍ଷୀ ମଧ୍ୟ ରହିଛନ୍ତି। ସମ୍ବଲପୁର ଡିୟର ପାର୍କ ନିକଟରେ ଏକ ବୁକିଂ କାଉଣ୍ଟର ଖୋଲାଯାଇଛି। ପର୍ଯ୍ୟଟକମାନେ ଅନ୍‌ଲାଇନରେ ମଧ୍ୟ ଟିକେଟ ବୁକିଂ କରିପାରିବେ। ବିଧାୟିକା ଛୁରିଆ କହିଥିଲେ, ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱତନ୍ତ୍ର ଭାବେ ଡେବ୍ରିଗଡକୁ ଦୃଷ୍ଟିରେ ରଖିଛନ୍ତି। ଆଜିଠାରୁ ନୂତନ ଭାବେ ଆରାମଦାୟକ ୫ ଗୋଟି ସଫାରି ଶୁଭାରମ୍ଭ ହେଲା। ଏହା ନିଶ୍ଚିତ ଭାବେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ଓ ସଂଖ୍ୟା ବୃଦ୍ଧି ପାଇବ ବୋଲି କହିଥିଲେ। ବନ ବିଭାଗର ଅଧିକାରୀ, କର୍ମଚାରୀ ଓ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ।



ଡେବ୍ରିଗଡ ଅଭୟାରଣ୍ୟରେ ସଫାରୀ ଗାଡ଼ି ଶୁଭାରମ୍ଭ କରାଯାଉଛି।

**ସମ୍ବଲପୁର ବଜାର, ଦେବାଳୟ ବୁଲିବେ ପର୍ଯ୍ୟଟକ**

## କୁଚିଣ୍ଡାରେ ବିଶ୍ୱ ରକ୍ତଦାତା ଦିବସ

**କୁଚିଣ୍ଡା,୧୫।୬(ଡି.ଏନ.ଏ.)**

କୁଚିଣ୍ଡା ଅରୁଣୋଦୟ ବିଦ୍ୟାଳୟଠାରେ ମଙ୍ଗଳବାର ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ କଲେଜ ଅଧକ୍ଷ ସୁବାସ ଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାର ଡା. ସତ୍ୟପ୍ରକାଶ ଦୋରା ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତଦାନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିରେ ରୋପ ଅନୁଷ୍ଠାନର ସମ୍ପାଦକ ପ୍ରଦୀପ ମହକୁଳ, କୁଚିଣ୍ଡା କମ୍ପ୍ୟୁଟର ଏକାଡେମୀ ନିର୍ଦ୍ଦେଶକ ରାଜେଶ ଶର୍ମା, ଉପଖଣ୍ଡ ରକ୍ତ ଭଣ୍ଡାର ଟେକ୍ନିସିଆନ ପ୍ରମୋଦ ପଟେଲ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଉତ୍ତମ ସେବା ପାଇଁ ମୁଖ୍ୟଅତିଥି ଡା. ଦୋରାଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ରକ୍ତଦାନ ପାଇଁ ଲୋକଙ୍କୁ ସଚେତନ କରିବା ଓ ନିଜେ ରକ୍ତଦାନ କରି ଅନେକ ଅମୂଲ୍ୟ ଜୀବନ ବଞ୍ଚାଇଥିବାରୁ ବିଜୟ ଶଙ୍କର ସାହୁଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କୁଚିଣ୍ଡା ଚାଇଲ୍ଡ ଲାଇନ କର୍ମୀ ତୃପ୍ତିମୟୀ ଦାସ, ନମାନି ହେମ୍ବ୍ରମ, ଭୂମିଶ୍ୱେତା ଧୁରୁଆ, ମିଲି ବାଦି, ଶ୍ୱେତାଙ୍ଗିନି ବାରିକ, ଅରୁଣୋଦୟ ସ୍କୁଲ ଶିକ୍ଷକ ଲୁମ୍ବିନ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ପୋଲିସର ଅବହେଳାକୁ ଦାୟୀ କଲେ

**ସମ୍ବଲପୁର,୧୫।୬(ବ୍ୟୁରୋ)**

ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ବୁଧବାର ସମ୍ବଲପୁର ଜିଲା ଗସ୍ତରେ ଆସିଥିଲେ। ଏହି ଅବସରରେ କ୍ଷେତରାଜପୁର ଥାନା ଅଞ୍ଚଳରେ ଆଦିବାସୀ ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହି ସମୟରେ ମହାତ୍ମା ଗାନ୍ଧୀ ମାର୍ଗ (ରିଂରୋଡ୍)ରେ ଟ୍ରାଫିକ ଜାମ୍ ହୋଇଥିଲା। ଦୁର୍ଗାପାଲି ଗ୍ରାମ ନିକଟରେ ପୋଲିସ ନିୟୋଜିତ ହୋଇଥିଲେ। ପୋଲିସ ରିଂରୋଡ୍‌ର ଉଭୟ ରାସ୍ତାକୁ ବ୍ଲକ କରି ଯାତ୍ରୀମାନଙ୍କୁ ଦୁର୍ଗାପାଲି ଗ୍ରାମ ଦେଇ ଜାତୀୟ ରାଜପଥକୁ ଯିବାକୁ କହୁଥିଲେ। ୪ ଚକିଆ, ୨ଚକିଆ ଗାଡି ଚଳାଚଳ ଯୋଗୁ ଗ୍ରାମ ରାସ୍ତାରେ ଟ୍ରାଫିକ ଜାମ୍ ଲାଗିରହିଥିଲା। ଏଥିପାଇଁ ଲୋକେ ପୋଲିସର ଅବହେଳାକୁ ଦାୟୀ କରିଥିଲେ। ଏପଟେ ସଭା ପାଇଁ ଭିଡ଼ ସେପଟେ ଜାତୀୟ ରାଜପଥକୁ ଯିବା ରାସ୍ତାରେ ମାଟି ଖୋଳା ଯାଇଥିଲା। ତେଣୁ ଗାଡ଼ିଗୁଡିକ ଫେରିଆସି ପୋଲିସର ଏହା ଦାୟିତ୍ୱହୀନ କାମ କହି କ୍ଷୋଭ ପ୍ରକାଶ କରୁଥିଲେ। ଅନ୍ୟପଟେ ରିଂରୋଡ୍‌ରେ ମଧ୍ୟ ଗାଡି ଜାମ୍ ଲାଗିଥିଲା। ଏମ୍‌ପିଙ୍କ ଗସ୍ତ ସମୟରେ ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ କ୍ଷେତରାଜପୁର ପୋଲିସକୁ କିଏ ଅନୁମତି ଦେଲା ବୋଲି ଲୋକେ ପ୍ରଶ୍ନ କରୁଥିଲେ। ରିଂରୋଡ୍‌କୁ ୱାନ ୱେ କରି ମଧ୍ୟ ଗାଡିଗୁଡିକ ଚଳାଚଳ କରାଯାଇ ପାରିଥାନ୍ତା ବୋଲି ବୁଦ୍ଧିଜୀବୀ ମତ ଦେଇଥିଲେ। ଏ ସମ୍ପର୍କରେ କ୍ଷେତ୍ରାଜପୁର ଥାନା ଅଧିକାରିଣୀ ମମତା ନାଏକଙ୍କୁ ପଚାରିବାରୁ ରାଲି ପାଇଁ କିଛି ସମୟ ବନ୍ଦ କରାଯାଇଥିଲା। ପରେ ସ୍ୱାଭାବିକ ହୋଇଥିଲା ବୋଲି କହିଥିଲେ।

**ଟ୍ରାଫିକ ଜାମ୍‌ରେ ଫସିଲେ ଲୋକେ**


ସମ୍ବଲପୁର ରିଂରୋଡ୍‌ରେ ଟ୍ରାଫିକ ଜାମ୍ ହୋଇଛି ।

## ବେଦାନ୍ତ ପ୍ରକଳ୍ପରେ ଏନ୍‌ଡିଆର୍‌ଏଫ୍‌ର ମିଳିତ ମକ୍‌ଡ୍ରିଲ୍

**ଝାରସୁଗୁଡ଼ା ଅଫିସ,୧୫।୬**

ଝାରସୁଗୁଡା ବେଦାନ୍ତ ଆଲୁମିନିୟମ ଲିମିଟେଡ୍ ତରଫରୁ ସୁନାରୀମୁଣ୍ଡାସ୍ଥିତ ବେଦାନ୍ତ ପ୍ରକଳ୍ପରେ ଏନ୍‌ଡିଆର୍‌ଏଫ୍ ଟିମ୍ ସହିତ ଏକ ମିଳିତ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରକଳ୍ପର ଜରୁରିକାଳୀନ ଟିମ୍, ଏନ୍‌ଡିଆର୍‌ଏଫ୍ ଟିମ୍, କମ୍ପାନୀ ଅଧୀନରେ ଆସୁଥିବା କର୍ମଚାରୀ, ବ୍ୟବସାୟିକ ସହଯୋଗୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ଏନ୍‌ଡିଆର୍‌ଏଫ୍ ଇନ୍ସପେକ୍ଟର ଉଦିତ କୁମାର ଦିକ୍ଷୀତ, ଜିଲା ଅଗ୍ନିଶମ ଅଧିକାରୀ ରମେଶ ମହାନ୍ତି, ସହକାରୀ ନିର୍ଦ୍ଦେଶକ କାରଖାନା ଓ ବାଷ୍ପିତ ବିଭାଗ ମନୋଜ ମିଶ୍ର, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଜରୁରିକାଳୀନ ଅଧିକାରୀ ସୁଶାନ୍ତ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏନ୍‌ଡିଆର୍‌ଏଫ୍ ସହିତ ଏହି ବିସ୍ତୃତ ସୁରକ୍ଷା ଡ୍ରିଲ୍ ନିରାପତ୍ତା ଯୋଗାଯୋଗ ପ୍ରଣାଳୀର କାର୍ଯ୍ୟକାରିତାକୁ ବୃଦ୍ଧି କରିବା, ଜରୁରିକାଳୀନ ପରିସ୍ଥିତିରେ ପ୍ରୋସେସ୍ ସାଇଟ୍ ବନ୍ଦ କରିବା, ଦାୟିତ୍ୱର ସହ ସୁରକ୍ଷା ବିଷୟ ପାଳନ କରିବା, ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ପାଇଁ ନୂତନ ଜ୍ଞାନକୌଶଳ ସମ୍ବଳିତ ପଦକ୍ଷେପକୁ ବ୍ୟାପକଭାବେ ପ୍ରୟୋଗକୁ ଅଣାଯାଇଛି ବୋଲି କମ୍ପାନୀ ସିଇଓ ସୁନିଲ ଗୁପ୍ତା କହିଛନ୍ତି। ଏହା ସହିତ କମ୍ପାନୀର କର୍ମଚାରୀ ଓ ବ୍ୟବସାୟିକ ସହଯୋଗୀମାନଙ୍କ ନିରାପତ୍ତାକୁ କମ୍ପାନୀ ସୁରକ୍ଷିତ କରିପାରିଛି ବୋଲି ସେ କହିଥିଲେ।



କାର୍ଯ୍ୟକ୍ରମରେ ଏନ୍‌ଡିଆର୍‌ଏଫ୍ ଇନ୍ସପେକ୍ଟର ଉଦ୍‌ବୋଧନ ଦେଉଛନ୍ତି।

## ମଠରେ ପଶି ଘର ଭାଙ୍ଗିଲେ ହାତୀ



**ନାକଟିଦେଉଳ,୧୫।୬(ଡି.ଏନ.ଏ.)**

ମଙ୍ଗଳବାର ରାତିରେ ନାକଟିଦେଉଳ ବନାଞ୍ଚଳର ହିଞ୍ଜାମୁରା ଗ୍ରାମରେ ହାତୀପଲ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି। ଦନ୍ତା ସମେତ ଦଳେ ହାତୀ ରାତି ପ୍ରାୟ ସାଢେ ୮ଟା ସମୟରେ ହିଞ୍ଜାମୁରା ଗ୍ରାମର ତ୍ରିନାଥ ଦେହୁରିଙ୍କ ବାଡିରେ ପଶି ପୋଟଳ, ବାଇଗଣ, ଝୁଡ଼ୁଙ୍ଗ ଆଦି ପନିପରିବା ଖାଇଯିବା ସହ ଦଳିଚକଟି ନଷ୍ଟ କରିଦେଇଛନ୍ତି। ସେହିପରି ଆଉ ଏକ ହାତୀପଲ ହିଞ୍ଜାମୁରା ନିକଟ କଣ୍ଟିଆଲୀ ନାଳ ପାଖରେ ଥିବା ମଠ ଭିତରେ ପଶି ଏକ ଘରର କାନ୍ଥ ଓ ଆଜବେଷ୍ଟସ୍ ଭାଙ୍ଗି ଦେଇଛନ୍ତି। ତେବେ ଖବର ପାଇ ବାଟଗାଁ ସେକ୍ସନର ଫରେଷ୍ଟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀ ଘଉଡ଼ାଇଥିଲେ।

# ଏମ୍‌ସିଏଲ୍ ପକ୍ଷରୁ ବିଶ୍ୱ ରକ୍ତଦାତା ଦିବସ



ଏମ୍‌ସିଏଲ୍ ପକ୍ଷରୁ ଆୟୋଜିତ ସଚେତନତା ରାଲି ।

**ସମ୍ବଲପୁର,୧୫।୬(ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ପକ୍ଷରୁ ଆନନ୍ଦବିହାର, ତାଲଚେର, ସେଣ୍ଟ୍ରାଲ ହସ୍ପିଟାଲ ଇବ୍ ଭ୍ୟାଲିଠାରେ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଶିବିରାର୍ଥୀ ପ୍ଲାକାର୍ଡ ଧରି ଗ୍ରାମରେ ବୁଲିଥିଲେ। ପରେ ଆୟୋଜିତ ରକ୍ତଦାନ ଶିବିରରେ ୧୯୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଏମ୍‌ସିଏଲ୍ କର୍ମଚାରୀ ଓ ସଦସ୍ୟମାନେ ଶିବିରରେ ଅଂଶଗ୍ରହଣ କରିଥିଲେ। ଆଗକୁ ରକ୍ତଦାନ ଶିବିର କରାଯିବ ବୋଲି ଏମ୍‌ସିଏଲ୍ ପକ୍ଷରୁ ସୂଚନା ଦିଆଯାଇଛି।

# ନାଟ୍ୟ ମହର୍ଷି ଭଗବାନ ସାହୁଙ୍କ ଜୟନ୍ତୀ

**ସମ୍ବଲପୁର,୧୫।୬(ବ୍ୟୁରୋ)**

ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ନାଟ୍ୟ ମହର୍ଷି ଭଗବାନ ସାହୁଙ୍କ ୯୨ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଡ. ପରେଶ ଦାନି ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁରୁ ଭଗବାନ ସାହୁଙ୍କ ଜୀବନୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆବାହକ ଭବାନୀଶଙ୍କର ଭୋଇଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ଜୁହାର ପରିବାରର ବିଶ୍ୱଜିତ ପ୍ରଧାନ, ସୁଦାମ ମେହେର, ସବ୍ୟସାଚୀ ମିଶ୍ର, ପଙ୍କଜିନୀ ମେହେର, କଳ୍ପନା ମିଶ୍ର, କାନ୍ତି ମେହେର, ବାବଲୁ ବାଗ, ସଦାନନ୍ଦ ପଣ୍ଡା, ସନ୍ତୋଷ ବଢାଇ, କାର୍ତ୍ତିକ ମେହେର, ଶିବୁ ଭୋଇ, ଲମ୍ବୋଦର ବଢାଇ ପ୍ରମୁଖ ଭଗବାନ ସାହୁ ଓ ସମ୍ବଲପୁରୀ ମଞ୍ଚ ନାଟକ ବିଷୟରେ ଆଲୋଚନା କରିଥିଲେ। କବି ପ୍ରଦୀପ ରଞ୍ଜନ ପାଣିଗ୍ରାହୀ, କାହ୍ନୁ କେଶବ ବହିଦାର ସମ୍ବଲପୁରୀ କବିତା ପାଠ କରିଥିଲେ। ସୁବୋଧ ଦୋରା ଧନ୍ୟବାଦ ଦେଇଥିଲେ।

# ଯୋଗ ଅଲିମ୍ପିୟାର୍ଡରେ ଭାଗ ନେବାକୁ ଦିଲ୍ଲୀ ଯାତ୍ରା

**ସମ୍ବଲପୁର,୧୫।୬(ବ୍ୟୁରୋ)**

ଜାତୀୟ ଯୋଗ ଅଲିମ୍ପିୟାର୍ଡରେ ଭାଗ ନେବା ପାଇଁ ସମ୍ବଲପୁର ଜିଲାର ୮ ଛାତ୍ର ବୁଧବାର ଦିଲ୍ଲୀ ଯାତ୍ରା କରିଛନ୍ତି। ସମ୍ବଲପୁର ଷ୍ଟେଶନରୁ ଟ୍ରେନ ଯୋଗେ ପ୍ରଥମେ ଭୁବନେଶ୍ୱର ଓ ପରେ ଦିଲ୍ଲୀ ଯାତ୍ରା କରବେ। କାଇଁଶିର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ର ଓମ୍ ପ୍ରକାଶ ସାହୁ ଓ ସ୍ୱାଗତ ମହାମଲ୍ଲିକ, କାଇଁଶିର ହାଇସ୍କୁଲର ହର୍ଷିତ ଗଡନାୟକ, ଅଙ୍କିତା ସାହୁ, ଅଭିନାଶ ବାଗ ଓ ସାହିଲ ପ୍ରଧାନ, ଜନାର୍ଦ୍ଦନ ପୁଜାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ତିର୍ଥବାସ କୁମୁରା ଓ ପ୍ରିୟା ବାଦୀ ପ୍ରମୁଖ ରହିଛନ୍ତି। ଗାଇଡ ଶିକ୍ଷକ ଭାବେ ସତ୍ୟରଞ୍ଜନ ପଣ୍ଡା ରହିଛନ୍ତି। ଦିଲ୍ଲୀରେ ଆସନ୍ତା ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ହେବ। ଓଡିଶାର ପ୍ରତିନିଧି ଭାବେ ସମ୍ବଲପୁର ଛାତ୍ରୀଛାତ୍ର ଭାଗନେବେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଖେଳ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା, ରଜତ ପୂଜାରୀ, ଅବନ୍ତି ଓରାମ, ମହିପାଲ ସ୍ୱାଇଁ ଓ ସମ୍ବଲପୁର ଆଥ୍‌ଲେଟିକ ଆସୋସିଏଶନ ଅଧକ୍ଷ ସୁନ୍ଦରମଣି ବାରିକ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ।


ସମ୍ବଲପୁର ଷ୍ଟେଶନରେ ଛାତ୍ରୀଛାତ୍ରମାନେ ।

# ହକ୍ ପାଇଁ ସ୍ୱର ଉତ୍ତୋଳନ କରିବି: ନିରଞ୍ଜନ

**ସମ୍ବଲପୁର,୧୫।୬(ବ୍ୟୁରୋ)**

ରାଜ୍ୟ ସଭାକୁ ଯିବା ପରେ ଆଦିବାସୀ ନେତା ନିରଞ୍ଜନ ବିଶି ପ୍ରଥମ କରି ବୁଧବାର ସମ୍ବଲପୁର ଜିଲା ଗସ୍ତ କରିଥିଲେ। ଜିଲାର ବିଭିନ୍ନ ଆଦିବାସୀ ସଂଗଠନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଏକ ରାଲି କରାଯାଇଥିଲା। ଏଥିରେ ବାମରା, ଜମନକିରା, ରେଢ଼ାଖୋଲ, ରେଙ୍ଗାଲି, ମାନେଶ୍ୱର, ଯୁଯୁମୁରା ଆଦି ବ୍ଲକର ସଦସ୍ୟମାନେ ସାମିଲ ହୋଇଥିଲେ। ପାରମ୍ପରିକ ଆଦିବାସୀ ନୃତ୍ୟ ସହ ଶୋଭାଯାତ୍ରାରେ ତାଙ୍କୁ ପାଛୋଟି ନିଆଯାଇଥିଲା। ଦୁର୍ଗାପାଲି ନିକଟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସଭା ସଦସ୍ୟ ବିଶି କହିଥିଲେ, ପୂର୍ବରୁ ଦଳିତ, ଗରିବ, ପଛୁଆବର୍ଗଙ୍କ ପାଇଁ ରାଜ ରାସ୍ତା, ବିଭିନ୍ନ ପ୍ରଶାସନିକ ଅଫିସ ସମ୍ମୁଖରେ ବିକ୍ଷୋଭ, ଧାରଣା ଦେଇଥିଲି। ଏବେ ରାଜ୍ୟ ସଭାରେ ଦାବିଗୁଡିକ ଉପରେ ସ୍ୱର ଉତ୍ତୋଳନ କରିବି। ସମସ୍ୟା ସମାଧାନ ନେଇ ଆନ୍ଦୋଳନ ଜାରି ରହିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ଲାଟଫର୍ମ ଦେଇଛନ୍ତି। ଏହାର ସୁଯୋଗ ନେଇ ପଶ୍ଚିମ ଓଡ଼ିଶାର ବିକାଶ ପାଇଁ କାମ କରିବି। ଲୋକମାନେ ମୋ ସହ ଅଛନ୍ତି, ଯାହା ମୋର ମନୋବଳକୁ ବୃଦ୍ଧି କରୁଛି। ସମ୍ବଲପୁରରେ ଏଭଳି ସ୍ୱାଗତ କରାଯାଇଥିବାରୁ ସାଧୁବାଦ ଜଣାଉଛି ବୋଲି କହିଥିଲେ। ସନ୍ଧ୍ୟା ସମୟରେ ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ବିଜେଡି ସଭାପତି ସିଦ୍ଧାର୍ଥ ଦାସ, ଜିଲା ପରିଷଦ ସଭାପତି କୁମୁଦିନି ନାଏକ, ଉପସଭାପତି ମାଧବ ମିର୍ଦ୍ଧା, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦ ଅଧକ୍ଷ ନିହାଲ ସିଂ ସଭାପତିତ୍ୱ କରିଥିବା ବେଳେ ରୁପାଞ୍ଜଳି ରନବିଡା, ସୁଦେଶ ମୁଣ୍ଡା, ମନିନା ଖାତୁନ, ନାରାୟଣ ସୁନା, ଏସ୍.କେ. ଇନ୍ତଖାପ, ଅଶିଷ ମହାନନ୍ଦ ସହଯୋଗ କରିଥିଲେ।


ଏମ୍‌ପିଙ୍କୁ ସ୍ୱାଗତ କରାଯାଉଛି ।

**ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱାଗତ**

## ସଂକ୍ଷେପରେ

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

**ରାଉରକେଲା ଅଫିସ,୧୫।୬:** ସେକ୍ଟର-୧ ସ୍ଥିତ ଝୁମ୍ପିଡି ବସ୍ତିରେ ଜଣେ ଯୁବକଙ୍କର ଅସ୍ୱଭାବିକ ଭାବେ ମୃତ୍ୟୁ ହୋଇଛି। ମୃତ ଯୁବକ ପ୍ରମୋଦ ଲାକ୍ରା(୩୭)। ସୂଚନାଯୋଗ୍ୟ ସେକ୍ଟର-୧ ସ୍ଥିତ ଝୁମ୍ପିଡି ବସ୍ତିରେ ପ୍ରମୋଦ ଏକ ଭଡା ଘରେ ବାସ କରୁଥିଲା। ସେ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ରେ ଆଟେନ୍‌ଡେଣ୍ଟ ଭାବେ କାମ କରି ନିଜର ଭରଣପୋଷଣ କରୁଥିଲେ। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ପ୍ରମୋଦର ମୁହଁ ଓ ହାତ ଜଳି ଯାଇଥିବା ଘରମାଲିକ ଦେଖି ଫୋନ ଯୋଗେ ପରିବାର ଲୋକଙ୍କୁ ଅବଗତ କରାଇଥିଲେ। ମୃତକଙ୍କ ବାପା ଆନନ୍ଦି ଥାନା ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ। ଏନେଇ ସେକ୍ଟର-୩ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଘରେ ପଶି ମହିଳାଙ୍କୁ ଆକ୍ରମଣ: ଥାନାରେ ଅଭିଯୋଗ

**ରାଉରକେଲା ଅଫିସ,୧୫।୬:** ଘରେ ପଶି ଜଣେ ମହିଳାଙ୍କୁ ଆକ୍ରମଣ କରିବାକୁ ନେଇ ସେକ୍ଟର-୩ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ.୭୪।୨୨) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ସେକ୍ଟର-୧ ସ୍ଥିତ କ୍ୱାର୍ଟର୍ସ ନଂ.ଏ/୬ ଘରେ ମାମିନା ପଣ୍ଡା(୩୮) ପରିବାର ସହ ବାସ କରନ୍ତି। ୧୩ ତାରିଖ ଉକ୍ତ ଅଞ୍ଚଳରେ ବାସ କରୁଥିବା ରୁବି ଦାସ ଓ ସୁନିତା ମୋହିନି ନାମକ ଦୁଇ ଜଣ ମହିଳା ଅନ୍ୟ କେତେଜଣ ମହିଳାଙ୍କୁ ସାଙ୍ଗରେ ଧରି ରାତି ସାଢ଼େ ୯ଟାରେ ହାତରେ ଛୁରୀ, ଲାଠି ଓ ଲୁହାରଡ ନେଇ ମାମିନାଙ୍କ ଘରେ ପଶି ଆକ୍ରମଣ କରିଥିଲେ। ଏହାକୁ ବିରୋଧ କରିବାରୁ ତାଙ୍କୁ ଜୀବନରୁ ମାରିଦେବାକୁ ଧମକଚମକ ଦେଇ ମହିଳାମାନେ ଫେରାର ହୋଇଯାଇଥିଲେ। ଏନେଇ ଥାନାର ଦ୍ୱାରସ୍ଥ ହୋଇ ମହିଳା ଜଣଙ୍କ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇ ଥିବା ଜଣାପଡ଼ିଛି।

### ଫକୀର ମୋହନଙ୍କ ତିରୋଧାନ ଦିବସ ପାଳିତ

**ରାଉରକେଲା ଅଫିସ,୧୫।୬:** ଓଡିଶା ଭାଷା ବିକାଶ ମଞ୍ଚ ପ୍ରଗତିଶୀଳ ସାହିତ୍ୟ ଅନୁଷ୍ଠାନ ଆନୁକୂଲ୍ୟରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ତିରୋଧନା ଦିବସ ସେକ୍ଟର-୭ ସ୍ଥିତ କମ୍ୟୁନିଟି ସେଣ୍ଟର ସମ୍ମୁଖରେ ସାଧରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଅଧକ୍ଷତାରେ ପାଳିତ ହୋଇଛି। ସମାଜସେବୀ ଡ. ସୁମନ ଦତ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଓଡ଼ିଶା ସାହିତ୍ୟରେ ଫକୀର ମୋହନ ଥିଲେ ଜଣେ କବି, ଉପନ୍ୟାସିକ ଓ କଥାକାର। ତାଙ୍କର ଉପନ୍ୟାସ ଛଅମାଣ ଆଠଗୁଣ୍ଠ, ମାମୁଁ, ପ୍ରାୟଶ୍ଚିତ, ଲଚ୍ଛମା ଭଳି ଗଳ୍ପ ସମ୍ଭାର ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି ବୋଲି ଅତିଥିଗଣ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶରତଚନ୍ଦ୍ର ପଣ୍ଡା, ଶୁଶାନ୍ତ ନାୟକ, ପ୍ରଫୁଲ୍ଲ କୁମାର ସାମଲ, ବିଶ୍ୱନାଥ ମହାରଣା, କବି ଅଭିରାମ ପ୍ରଧାନ, ଭରତ କୁମ୍ଭାର, ହୀରାଲାଲ ବାବ, ଇନ୍ଦ୍ର ସୁନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ନିର୍ବାଚନ ନେଇ ଚର୍ଚ୍ଚା

- ଦିଲୀପ ମହାପାତ୍ରଙ୍କ ପ୍ୟାନେଲକୁ ସମର୍ଥନ କଲେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ
- ମାଠିଆ ଚିହ୍ନକୁ ନେଇ ସହରରେ ଚର୍ଚ୍ଚା
- ଆଦିତ୍ୟଙ୍କ ପ୍ୟାନେଲରେ ମଙ୍ଗ ଧରିବା ନେଇ ଅଙ୍କକଷା

**ରାଉରକେଲା ଅଫିସ,୧୫।୬**


ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟଙ୍କ ସହ ଅନ୍ୟମାନେ।

ରାଉରକେଲାରେ ଆସନ୍ତା ୧୯ ତାରିଖରେ ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ନିର୍ବାଚନକୁ ନେଇ ଚର୍ଚ୍ଚା ଜୋର ଧରୁଛି। ଏହି ବ୍ୟାଙ୍କ ନିର୍ବାଚନରେ ୧୫ ଜଣ ନିର୍ଦ୍ଦେଶକ ପଦବୀ ପାଇଁ ଦୁଇଟି ପ୍ୟାନେଲ ତିଆରି ହୋଇଛି। ସେଥିରୁ ଦିଲୀପଙ୍କ ପ୍ୟାନେଲର ମାଠିଆ ଚିହ୍ନରୁ ୩ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇ ଆଗୁଆ ରହିଛନ୍ତି। ଅନ୍ୟପକ୍ଷେ ଆଦିତ୍ୟଙ୍କ ପ୍ୟାନେଲରେ ସଭାପତି ପ୍ରାର୍ଥୀ ଆଦିତ୍ୟ ମହାପାତ୍ରଙ୍କ ନାମାଙ୍କନ ନାକଚ ହେବା ପରେ ଉକ୍ତ ପ୍ୟାନେଲରୁ ମଙ୍ଗ କିଏ ଧରିବ ବୋଲି ଅଙ୍କକଷା ଆରମ୍ଭ ହୋଇଛି। ଏଥିସହ ଗତ ୧୩ ତାରିଖରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ରାଉରକେଲା ଗସ୍ତରେ ଆସି ଦିଲୀପଙ୍କ ପ୍ୟାନେଲକୁ ସମର୍ଥନ ଜଣାଇଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାୟ ମାଠିଆ ଚିହ୍ନର ଅବଶିଷ୍ଟ ୧୨ଜଣ ପ୍ରାର୍ଥୀଙ୍କୁ ବିଜୟର ମନ୍ତ୍ର ଦେଇଥିବା ଜଣାପଡ଼ିଛି। ଦିଲୀପଙ୍କ ପ୍ୟାନେଲରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାୟ ଯୋଗଦେବା ପରେ ଅର୍ବାନ ଭୋଟରଙ୍କ ଆଶା ଓ ବିଶ୍ୱାସ ମାଠିଆ ଚିହ୍ନ ପ୍ରତିବଢ଼ି ଯାଇଥିବା ଜଣାପଡ଼ିଛି।

ଦିଲୀପ ପୂର୍ବରୁ ଯାହାକୁ ସମର୍ଥନ କରିଛନ୍ତି ସେହି ଦଳ ବିଜୟୀ ହୋଇଥିବା ବହୁ କ୍ଷେତ୍ରରେ ପରିଲକ୍ଷିତ ହୋଇଛି। ଏହି ପରିପ୍ରେକ୍ଷିରେ ଆଗକୁ ଥିବା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ନିର୍ବାଚନ ପ୍ରକିୟାରେ ଦିଲୀପଙ୍କ ପ୍ୟାନେଲକୁ ଦିଲୀପ ରାୟଙ୍କ ସମର୍ଥନ ମିଳିବା ପରେ ବିପକ୍ଷ ଆଦିତ୍ୟଙ୍କ ପ୍ୟାନେଲରେ ଭାଳେଣି ପଡ଼ିଛି। ଗତ ୧୩ ତାରିଖରେ ଭୁବନେଶ୍ୱରରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାୟ ରାଉରକେଲାରେ ଗସ୍ତରେ ଆସି ଦିଲୀପଙ୍କ ପ୍ୟାନେଲରେ ଥିବା ସମସ୍ତ ପ୍ରାର୍ଥୀଙ୍କୁ ଉକ୍ତ ପ୍ୟାନେଲ କିଭଳି ଜିତିବ ଓ ଅର୍ବାନ ବ୍ୟାଙ୍କର ଭୋଟରମାନଙ୍କର ବିଶ୍ୱାସ ସହ କିଭଳି ସମସ୍ତ କାମ କରିବ ସେନେଇ ବିସ୍ତୃତ ଆଲୋଚନା କରିଥିଲେ। ମାଠିଆ ଚିହ୍ନକୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାୟ ସମର୍ଥନ କରିବା ପରେ ଅର୍ବାନ ବ୍ୟାଙ୍କର ଥିବା ବିଭିନ୍ନ ଅଂଶୀଦାରଙ୍କ ମଧ୍ୟରେ ଏକ ଆସ୍ଥା ଓ ବିଶ୍ୱାସ ବଢ଼ିବାରେ ଲାଗିଛି। ସେପଟେ ଆଦିତ୍ୟଙ୍କ ପ୍ୟାନେଲରେ ବର୍ତ୍ତମାନ ସୁଧା ପ୍ୟାନେଲର ମଙ୍ଗ କିଏ ଧରିବ ତାହାକୁ ନେଇ କୌଣସି ନିଷ୍ପତି ହୋଇ ନ ଥିବାବେଳେ ପ୍ରଥମରୁ ୩ ଜଣ ପ୍ରାର୍ଥୀପତ୍ର ନାକଚ ଉକ୍ତ ପ୍ୟାନେଲକୁ ଶକ୍ତ ଧକ୍କା ଦେଇଛି। ତେବେ ଆଗାମୀ ୧୯ ତାରିଖରେ ହେବାକୁ ଥିବା ନିର୍ବାଚନରେ ମାଠିଆ ଚିହ୍ନ ବାଜି ମାରିବ ବୋଲି ଅର୍ବାନ ବ୍ୟାଙ୍କର ଅଂଶୀଦାରଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି। ତେବେ କିଏ ବାଜି ମାରିବ ତାହା ଆଗାମୀ ଦିନରେ ଜଣାପଡ଼ିବ।

## ନାଳରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଦେବଗଡ଼,୧୫।୬(ଡି.ଏନ୍.ଏ.)**

ଦେବଗଡ଼ ଥାନା ରମ୍ଭେଇ ଗ୍ରାମ ପଞ୍ଚାୟତର ବୁଟିଆଡିହୀ ନନ୍ଦିପୁର ଗ୍ରାମ ନିକଟସ୍ଥ କଳାଜିରା କଟା(ନାଳ)ରୁ ବୁଧବାର ବଳମ ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକଙ୍କ ନାମ ବିଷ୍ଣୁ କିଷାନ(୪୦)। ଜେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଛି ଓ କେଉଁ ପରିସ୍ଥିତିରେ ସେ କଳାଜିରା ନାଳ(କଟା)ରେ ପଡିଲେ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ନନ୍ଦିପୁର ଗ୍ରାମ ନିକଟସ୍ଥ କଳାଜିରା କଟା(ନାଳ)ରେ ବିଷ୍ଣୁଙ୍କ ମୃତଦେହ ପଡିଥିବା ଦେଖି ଗାଁ ଲୋକେ ଦେବଗଡ ଥାନା ପୋଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ ଦେବଗଡ଼ ଅଦର୍ଶ ଥାନା ପୋଲିସ ସେଠାରେ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ବିଷ୍ଣୁଙ୍କ ମୃତଦେହ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ବିଷ୍ଣୁଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ସୁସ୍ଥ ହୋଇ ଘରକୁ ଫେରିଲେ ଅର୍ଦ୍ଧଦଗ୍ଧ ଶିଶୁକନ୍ୟା ସ୍ନେହା

### ହାପି ଟୁ ହେଲ୍ପ ଫାଉଣ୍ଡେଶନ, ବିଜେଡିକୁ ଶ୍ରେୟ ଦେଲେ ପରିବାର ଲୋକେ


ଅଜାଆଇ ଓ ବିଜେଡି କର୍ମକର୍ତ୍ତାଙ୍କ ଗହଣରେ ସ୍ନେହା ।

**ଦେବଗଡ଼,୧୫।୬(ଡି.ଏନ୍.ଏ.)**

ବାରକୋଟ ବ୍ଲକ ଚକ୍ରପାଲି ଗ୍ରାମର ଅର୍ଦ୍ଧଦଗ୍ଧ ଶିଶୁ କନ୍ୟା ସ୍ନେହା ସୁସ୍ଥ ହୋଇ ସୋମବାର ବିଳମ୍ବିତ ରାତିରେ ଘରକୁ ଫେରିଛନ୍ତି। ପରିବାର ଲୋକେ ଏହାର ଶ୍ରେୟ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ହାପି ଟୁ ହେଲ୍ପ ଫାଉଣ୍ଡେସନ' ଓ ଜିଲା ବିଜେଡି ସମେତ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ ଓ ଜିଲା ବିଜେଡି ସଭାପତି ରୋମାଞ୍ଚରଞ୍ଜନ ବିଶ୍ୱାଳଙ୍କୁ ଦେଇଛନ୍ତି। ଅନ୍ୟ ପକ୍ଷରେ ସ୍ନେହାଙ୍କ ଚିକିତ୍ସାରେ ପ୍ରମୁଖ ତଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ହାପି ଟୁ ହେଲ୍ପ ଫାଉଣ୍ଡେସନର କର୍ମକର୍ତ୍ତା ଶୁକଦେବ ଭଞ୍ଜ, ଜତିନ କୁମାର ନାୟକ, ରାଜକିଶୋର ଦାଶ, ବିଷ୍ଣୁ ପ୍ରସାଦ ନାୟକ, କଳିତ କୁମାର କର, ଦୀପନ ନାୟକ ଓ ଦୀପକ କୁମାର ଶଣ୍ଢ, ଦେବଗଡ ଜିଲା ବିଜେଡି ସଭାପତି ବିଶ୍ୱାଳ, ବାରକୋଟ ବ୍ଲକର ବରିଷ୍ଠ ନେତା ତନୁଚନ୍ଦ୍ର ପାତ୍ର ପ୍ରମୁଖ ମଙ୍ଗଳବାର ସନ୍ଧ୍ୟାରେ ସ୍ନେହାଙ୍କ ଘରେ ପହଞ୍ଚିଥିଲେ। ସ୍ନେହା, ସ୍ନେହାର ଅଜା କ୍ଷୀରୋଦ ନାୟକ ଓ ଆଇ ଜେମା ନାୟକଙ୍କୁ ଅଭିନନ୍ଦନ ଜଣାଇବା ସହ ସ୍ନେହାର ସମସ୍ତ ପାଠପଢା ଖର୍ଚ୍ଚ ବହନ ପାଇଁ ପ୍ରତିଶ୍ରୁତି ଦେଇଥିଲେ।

ଏଠାରେ ସୂଚନା ଯୋଗ୍ୟ ଯେ, ସ୍ନେହା ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଶୀତତାପ ନିୟନ୍ତ୍ରିତ କ୍ୟାବିନରେ ରହି ଚିକିତ୍ସା ହେଉଥିଲେ। ମାତ୍ର ତିଲେଇବଣି ବ୍ଲକ ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କୁ ସମର୍ଥକଙ୍କ ସହ ଆକ୍ରମଣ ମାମଲାରେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଗତ ମଇ ୧ ତାରିଖ ଗିରଫ ହୋଇ ଜେଲ କର୍ତ୍ତୃପକ୍ଷଙ୍କ ହେପାଜତରେ ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ଶୀତତାପ ନିୟନ୍ତ୍ରିତ କ୍ୟାବିନରୁ ଅସହାୟ ସ୍ନେହାକୁ ବାହାର କରି ତାଙ୍କ ସ୍ଥାନରେ ବିଧାୟକ ପାଣିଗ୍ରାହିଙ୍କୁ ଭର୍ତ୍ତି କରାଯାଇଥିଲା। ଫଳରେ ଏନେଇ ଜିଲାର ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ବିଧାୟକଙ୍କ ଏଭଳି କାର୍ଯ୍ୟକଳାପକୁ ସାଧାରଣରେ ତୀବ୍ର ସମାଲୋଚନା କରାଯିବା ସହ ସ୍ନେହାର ଉପଯୁକ୍ତ ଚିକିତ୍ସା ନିମନ୍ତେ ଜିଲାର ବିଭିନ୍ନ ମହଲରେ ଦାବି କରାଯାଇଥିଲା। ଅସହାୟ ସ୍ନେହାର ଚିକିତ୍ସାରେ ଅବହେଳା ନେଇ ହାପି ଟୁ ହେଲ୍ପ ଫାଉଣ୍ଡେସନର କର୍ମକର୍ତ୍ତାମାନେ ତତ୍କାଳୀନ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ଏବଂ ଜିଲା ବିଜେଡି ସଭାପତି ବିଶ୍ୱାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଉଭୟେ ସହାୟତାର ହାତ ବଢାଇଥିଲେ। ହାପି ଟୁ ହେଲ୍ପ ଫାଉଣ୍ଡେସନ ସହାୟତାରେ ସ୍ନେହାକୁ ଚିକିତ୍ସା ନିମନ୍ତେ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଉଚ୍ଚସ୍ତରୀୟ ଚିକିତ୍ସା ଏବଂ ପ୍ଲାଷ୍ଟିକ ସର୍ଜରୀ କରାଯିବା ପରେ ସ୍ନେହା ସୁସ୍ଥ ହୋଇ ଘରକୁ ଫେରିଛି।

## କାରଖାନା ପୋଖରୀରେ ବୁଡ଼ି ଶ୍ରମିକ ମୃତ

**କୁଆଁରମୁଣ୍ଡା,୧୫।୬(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି କାଲୋସିହିରିଆସ୍ଥିତ ଗଣେଶ ମେଟାଲିକ୍ସ କାରଖାନାକୁ 'ଏ' ସିଫ୍ଟ କାମ କରିବା ପାଇଁ ଆସିଥିବା ଜଣେ ଶ୍ରମିକ କାରଖାନା ପୋଖରୀରେ ବୁଡି ମୃତ୍ୟୁବରଣ କରିଛନ୍ତି। ମୃତ ଶ୍ରମିକ ଜଣଙ୍କ ହେଉଛନ୍ତି କୁଆଁରମୁଣ୍ଡା ଫାଣ୍ଡି ପୁତ୍ରିଖମଣ ପଞ୍ଚାୟତର ଦୁମାଙ୍ଗଦିରି ଦାରାଙ୍ଗଟୋଲା ଗ୍ରାମର ସମା ଏକ୍କା(୫୦)। ଖବରପାଇ କାରଖାନା ପକ୍ଷରୁ ତାଙ୍କୁ ରାଉରକେଲା ସରକାରୀ ଚିକିତ୍ସାଳୟକୁ ନିଆଯାଇଥିଲା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହୋଇଯିବା ପରେ ସ୍ଥାନୀୟ ସରପଞ୍ଚ ନରେଶ ସୁରିନ , ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ଓ ଗ୍ରାମବାସୀ କାରଖାନା ଫାଟକ ସମ୍ମୁଖରେ ପହଞ୍ଚି ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ନିମନ୍ତେ ଦାବି କରିଥିଲେ। ଏହି ସମୟରେ କାରଖାନା ସମ୍ମୁଖ ରାସ୍ତାରେ ପଥର ରଖି କାରଖାନାକୁ ଯାତାୟାତ କରୁଥିବା ଗାଡି ଚଳାଚଳକୁ ଅବରୋଧ କରିଥିଲେ। ମୃତକଙ୍କ ପରିବାରକୁ ୪୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଦାବି କରିଥିଲେ। ଶେଷରେ କାରଖାନା ପକ୍ଷରୁ ୮ଲକ୍ଷ ୨୦ ହଜାର ଟଙ୍କା କ୍ଷତିପୂରଣ ରାଶି ମୃତକଙ୍କ ପରିବାରକୁ ପ୍ରଦାନ କରାଯାଇଥିଲା। ଏହାସହ ମୃତ ଶ୍ରମିକ ସମାଙ୍କ ପୁଅଙ୍କୁ ମଧ୍ୟ ଉକ୍ତ କମ୍ପାନୀରେ ଚାକିରି ପ୍ରଦାନ କରାଯିବା ପାଇଁ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବାରୁ ରାସ୍ତା ଅବରୋଧ ହଟିଥିଲା। ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ଜବତ କରି ଆରଜିଏଚ ଶବାଗାରରେ ରଖିଥିବା ବେଳେ ଗୁରୁବାର ବ୍ୟବଚ୍ଛେଦ କରାଯିବ ବୋଲି କହିଛି।

## ଗଞ୍ଜେଇ ଚୋରା ଚାଲାଣ: ୨ ଗିରଫ



ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ।

**ରାଉରକେଲା ଅଫିସ, ୧୫।୬**

ରାଉରକେଲା ପ୍ଲାଣ୍ଟସାଇଟ୍ ପୋଲିସ ଗଞ୍ଜେଇ ଚୋରା ଚାଲାଣ କରୁଥିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଗୋପବନ୍ଧୁପାଲିର ଶ୍ୟାମ ବିହାରୀ ଯାଦବ ଓ ରଫିକୁଲ ଯାଦବ। ସୂଚନାଯୋଗ୍ୟ, ରାଉରକେଲା ପୁରୁଣା ରେଳଷ୍ଟେସନ ସ୍ଥିତ ଗଣେଷ ମଇଦାନ ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟା ସାଢ଼େ ୮ଟାରେ ଶ୍ୟାମବିହାରୀ ଓ ରଫିକୁଲ ଏକ ଅଖାରେ ଗଞ୍ଜେଇ ବିହାର ରାଞ୍ଚିକୁ ପଠାଉଥିଲେ। ଏହି ସମୟରେ ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ଏହି ଦୁଇ ଜଣ ଗଞ୍ଜେଇ ବ୍ୟବସାୟୀଙ୍କୁ କାବୁ କରି ନେଇଥିଲେ। ସେମାନଙ୍କଠାରୁ ପୋଲିସ ୨୪କେ.ଜି ୪୧୧ ଗ୍ରାମର ଗଞ୍ଜେଇ ସହ ୧୨ଶହ ଟଙ୍କା ଜବତ କରିଥିଲା। ପରେ ପୋଲିସ ଏକ ମାମଲା (ନଂ.୨୧୬।୨୨) ରୁଜୁ କରି ବୁଧବାର ଉଭୟ ବ୍ୟବସାୟୀଙ୍କୁ କୋର୍ଟ ଚାଲାଣ କରିଥିଲା।

## ନକଲି ମଦ ବ୍ୟବସାୟ: ଯୁବକ ଗିରଫ



ନକଲି ମଦ ସହ ଗିରଫ ଯୁବକ।

**ରାଉରକେଲା ଅଫିସ,୧୫।୬**

ରାଉରକେଲା ଅବକାରୀ ପୋଲିସ ନକଲି ମଦ ବ୍ୟବସାୟ କରୁଥିବା ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦୀପକ ଗୁପ୍ତା(୨୪)। ଡେଲିମାର୍କେଟ ସ୍ଥିତ ଲାଲା ହୋଟେଲ ସମ୍ମୁଖରେ ଦୀପକ ବେଆଇନ ଭାବେ ନକଲି ଫରେନ୍ ଲିକର ବିକ୍ରୀ କରୁଥିଲେ। ଅବକାରୀ ବିଭାଗ ଦିନ ସାଢ଼େ ୧୧ଟାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମଦ ବ୍ୟବସାୟୀ ଦୀପକଙ୍କଠାରୁ ପୋଲିସ ୧୭.୩୨୦ ଲିଟର ନକଲି ମଦ ସହ ୨୫୦ ମଦ ଠିପି ଓ ଗୋଟିଏ ସ୍କୁଟି ଗାଡ଼ିକୁ ଜବତ କରିଥିଲା। ବୁଧବାର ଗିରଫ ନକଲି ମଦ ବ୍ୟବସାୟୀଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ଡକାୟତି ଉଦ୍ୟମ ବିଫଳ: ୩ ଗିରଫ

### ବନ୍ଧୁକ, ଖଣ୍ଡା, ଠେଙ୍ଗା, ଭୁଜାଲି ଜବତ

**ରାଉରକେଲା ଅଫିସ,୧୫।୬**

ରାଉରକେଲା ନୟାବଜାର ଅଞ୍ଚଳରେ ଡକାୟତି ଉଦ୍ୟମ କରୁଥିବାବେଳେ ପ୍ଲାଣ୍ଟସାଇଟ୍ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଗୋପବନ୍ଧୁପାଲିର ଛୋଟୁ କୁମାର ବର୍ମା, ଅଜୟ ଯାଦବ ଓ ଶେଖ ସଲମାନ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ନୟାବଜାର ସ୍ଥିତ କଂଗ୍ରେସ ଭବନ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଛୋଟୁ, ଅଜୟ ଓ ସଲମାନ ଡକାୟତି କରିବା ପାଇଁ ଉଦ୍ୟମ କରୁଥିଲେ। କୌଣସି ବିଶେଷ ସୂତ୍ରରୁ ପ୍ଲାଣ୍ଟସାଇଟ ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ସୂଚନା ପାଇ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପୋଲିସକୁ ଦେଖି ୩ ଜଣ ଘଟଣାସ୍ଥଳରୁ ଫେରାର ମାରୁଥିବାବେଳେ ପୋଲିସ ସେମାନଙ୍କୁ କାବୁ କରି ନେଇଥିଲା। ପରେ ସେମାନଙ୍କ ଠାରୁ ପୋଲିସ ୬ ରାଉଣ୍ଡ ରିଭଲଭର ବନ୍ଧୁକ, ଗୋଟିଏ ଖଣ୍ଡା, ଦୁଇଟି ଠେଙ୍ଗା ଓ ଗୋଟିଏ ଭୁଜାଲିକୁ ଜବତ କରିଥିଲା। ଏନେଇ ପୋଲିସ ଏକ ମାମଲା (ନଂ. ୨୧୭।୨୨) ରୁଜୁ କରି ବୁଧବାର ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଗିରଫ ୩ ଅଭିଯୁକ୍ତଙ୍କ ନାମରେ ବିଭିନ୍ନ ଥାନାରେ ପୂର୍ବରୁ ବିଭିନ୍ନ ଚୋରି, ଡକାୟତି ଓ ଛିନ୍‌ତାଇ ଭଳି ଅଭିଯୋଗ ଥିବା ଥାନା ଅଧିକାରୀ ଜେନା ସୂଚନା ଦେଇଛନ୍ତି।


ଜବତ ମାରଣାସ୍ତ୍ର ସହ ପୋଲିସ ଓ ଗିରଫ ୩ ଅଭିଯୁକ୍ତ।

# ସୁନ୍ଦରଗଡ଼ ନବଜୀବନ କ୍ଲବ ଚାମ୍ପିୟନ

### ଡ୍ରିମ ଅଫ୍ ନାରାୟଣ ମାଝି କ୍ରିକେଟ ଟୁର୍ନାମେଣ୍ଟ

**ବଡ଼ଗାଁ, ୧୫।୬(ଡି.ଏନ୍.ଏ.)**


କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଅତିଥିଙ୍କ ସହ ଖେଳାଳି।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ମିନି ଷ୍ଟାଡିୟମରେ ବଡ଼ଗାଁ ଓରିଏଣ୍ଟ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ଡ୍ରିମ ଅଫ୍ ନାରାୟଣ ମାଝି କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟରେ ଆୟୋଜକ ଓରିଏଣ୍ଟ କ୍ରିକେଟ କ୍ଲବ, ମହାବୀର କ୍ଲବ ଛାମୁଣ୍ଡା, ନବଜୀବନ କ୍ଲବ ସୁନ୍ଦରଗଡ, ଆଦର୍ଶ କ୍ଲବ ରାଜଗାଙ୍ଗପୁର, ୟଙ୍ଗ ଷ୍ଟାର କ୍ରିକେଟ କ୍ଲବ ରାଉରକେଲା ଦଳ ଅଂଶଗ୍ରହଣ କରିଥିଲେ। ୫ଟି କ୍ରିକେଟ ଟିମ୍ ମଧରେ ହୋଇଥିବା ଏହି ଲିଗ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ନବଜୀବନ କ୍ଲବ ସୁନ୍ଦରଗଡ଼ ଓ ରାଉରକେଲା ୟଙ୍ଗ ଷ୍ଟାର କ୍ରିକେଟ କ୍ଲବ ମଧରେ ହୋଇଥିଲା। ସୁନ୍ଦରଗଡ଼ ନବଜୀବନ କ୍ଲବ ଟସ୍ ଜିତି ବୋଲିଂ କରିଥିଲେ। ସୁନ୍ଦରଗଡ଼ ଟିମ୍‌ର ଗୁରୁ ୪ ଓଭରରେ ୨୩ ରନ ଦେଇ ୨ ଉଇକେଟ ନେଇଥିଲାବେଳେ ରିଙ୍କୁ ୩ ଓଭରରେ ୨୩ ରନ ଦେଇ ୨ ଉଇକେଟ ନେଇଥିଲେ। ରାଉରକେଲା ୟଙ୍ଗ ଷ୍ଟାର କ୍ରିକେଟ କ୍ଲବ ୧୩୫ ରନ କରିଥିଲେ। ଜବାବରେ ସୁନ୍ଦରଗଡ଼ ନବଜୀବନ କ୍ଲବ ୨ଉଇକେଟ ହରାଇ ବିଜୟ ଲକ୍ଷ୍ୟ ପୂରଣ କରିଥିଲେ। ଟୁର୍ନାମେଣ୍ଟର ବେଷ୍ଟ କେଚର ଭାବେ ବଡ଼ଗାଁ ଓରିଏଣ୍ଟ କ୍ରିକେଟ କ୍ଲବର ଅମ୍ଳାନ ଜ୍ୟୋତି ନାୟକଙ୍କୁ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ରାଉରକେଲା ଟିମ୍‌ର ପିଉଷ ୨୫ ବଲରେ ୩୧ ରନ ଓ ହିମାଂଶୁ ୨୫ ବଲରେ ୨୯ ରନ କରିଥିଲେ। ସୁନ୍ଦରଗଡ଼ ଟିମ୍‌ର ଅଜିତ ସର୍ବାଧିକ ୨୭ରନ, ଅଙ୍କିତ ମୁଣ୍ଡା ୫୧ ରନ କରିଥିଲେ। ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ବଡ଼ଗାଁ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ କାର୍ଯକ୍ରମରେ ଗଣମାଧ୍ୟମ ପ୍ରତିନିଧି ଅଶୋକ ଷଡଙ୍ଗୀ, ପୂର୍ବତନ ନାଏବ ସରପଞ୍ଚ ନିଳକଣ୍ଠ ସାହୁ, ସମ୍ପିତ ନଏକ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ବାବୁଲି କର୍ସେଲ ମଞ୍ଚ ପରିଚାଳନା କରିଥିଲେ। ଆୟୋଜକ କମିଟିର କର୍ମକର୍ତ୍ତା ପିଣ୍ଟୁ ହୋତା, ଅମ୍ରି ପଟେଲ, ଶିବାଶିଷ ହୋତା, ପିଙ୍କୁନ ମିଶ୍ର, ଶୁଭମ ଅଗ୍ରୱାଲ ପ୍ରମୁଖ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।

# ନାବାଳକଙ୍କ ମୃତ୍ୟୁକୁ ନେଇ ବିବାଦ

- ହତ୍ୟା ଅଭିଯୋଗ ଆଣିଲେ ଅଜା
- ପୋଲିସକୁ ବାପାଙ୍କ ସୂଚନା, ପୁଅ ଆତ୍ମହତ୍ୟା କରିଛି
- ସାବତ ମା'କହିଲେ, ଗଛ ତଳେ ପଡ଼ିଥିଲା ମୃତଦେହ

କୁଜଙ୍ଗ,୧୫।୬ (ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ତ୍ରିଲୋଚନପୁର ଗାଁର ମକର ବେହେରାଙ୍କ ନାବାଳକ ପୁଅ ରାହୁଲ(୧୬)ଙ୍କ ମଙ୍ଗଳବାର ରାତିରେ ମୃତ୍ୟୁ ଘଟିଛି। ହେଲେ ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଗଳାରେ ରଶି ବାନ୍ଧି ରାହୁଲ ଆତ୍ମହତ୍ୟା କରିଥିବା ମକର ଥାନାରେ ଅଭିଯୋଗ କରିଛନ୍ତି। ହେଲେ ତାଙ୍କ ସାବତ ମା' କୁନି କହିଛନ୍ତି, ମୃତଦେହ ଏକ ଗଛ ତଳେ ପଡିଥିଲା। ମା' ବାପାଙ୍କ ଏପରି ଭିନ୍ନ ମତକୁ ନେଇ ବିବାଦ ସୃଷ୍ଟି ହୋଇଛି। ପାରିପାର୍ଶ୍ୱିକ ସ୍ଥିତି ତଥା ଏହି ଦମ୍ପତିଙ୍କ ଭିନ୍ନ ମତକୁ ଅନୁଧ୍ୟାନ କଲେ ରାହୁଲ ଆତ୍ମହତ୍ୟା କରିନାହାନ୍ତି, ତାଙ୍କୁ ହତ୍ୟା କରାଯାଇଛି ବୋଲି ଗ୍ରାମବାସୀ କହୁଥିବା ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷେ ରାହୁଲଙ୍କ ଅଜା ଅଭୟଚାନ୍ଦପୁର ଥାନାରେ ପହଞ୍ଚି ତାଙ୍କ ନାତିଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ମକରଙ୍କ ପ୍ରଥମ ସ୍ତ୍ରୀଙ୍କ ୨ ପୁଅ ରାଜେଶ ଓ ରାହୁଲ। ବଡ଼ପୁଅ ରାଜେଶ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଅଳତାଙ୍ଗ ଗାଁ ମାମୁ ଘରେ ରୁହନ୍ତି। ସାନପୁଅ ରାହୁଲ ବାପା ମକର ଓ ସାବତ ମା' କୁନିଙ୍କ ସହ ନିଜଘର ତ୍ରିଲୋଚନପୁରରେ ରୁହନ୍ତି। ମଙ୍ଗଳବାର ସନ୍ଧ୍ୟାରେ କୌଣସି କାରଣକୁ ନେଇ ମକରଙ୍କ ସହ ପୁଅ ରାହୁଲଙ୍କ ପାଟିତୁଣ୍ଡ ହୋଇଥିଲା। ଏହାପରେ ରାହୁଲ ଘରୁ ବାହାରକୁ ଚାଲି ଯାଇଥିଲେ। ରାତି ୧୦ଟା ସୁଦ୍ଧା ସେ ଆଉ ଘରକୁ ଫେରି ନ ଥିଲେ। ମକର ଓ କୁନି ତାଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ବୁଧବାର ସକାଳେ କୁନି ଘର ନିକଟ ସ୍କୁଲ ଓ ଅଙ୍ଗନୱାଡ଼ି ହତାକୁ ଯାଇଥିଲେ। ରାହୁଲ କାଳେ ସ୍କୁଲ ବାରଣ୍ଡାରେ ଶୋଇପଡିଥିବ ସେ ଭାବିଥିଲେ। ହେଲେ ଅଙ୍ଗନୱାଡି କେନ୍ଦ୍ରକୁ ଲାଗିଥିବା ଏକ ବେଲ ଗଛ ତଳେ ରାହୁଲ ପଡିଥିଲେ। ଏ ସମ୍ପର୍କରେ କୁନି ମକରଙ୍କୁ ଜଣାଇଥିଲେ। ମକର ସେଠାରେ ପହଞ୍ଚି ଦେଖିଲା ବେଳକୁ ରାହୁଲଙ୍କ ମୃତ୍ୟୁ ଘଟି ସାରିଥିଲା। ମୃତଦେହ ଘରକୁ ଆଣିବା ପରେ ମକର ଥାନାକୁ ଖବର ଦେଇଥିଲେ, ତାଙ୍କ ପୁଅ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧/୨୦୨୨) ରୁଜୁ କରାଯାଇଛି। ପୋଲିସ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ଏ ନେଇ ସାବତ ମା' କୁନି କହିଛନ୍ତି, ରାହୁଲ ପଛକୁ ଗୋଡ଼ ଭାଙ୍ଗି ଗଛ ତଳେ ପଡିଥିଲା। ସେ ମକରଙ୍କୁ ଖବର ଦେଇଥିଲେ। ରାହୁଲଙ୍କ ମୃତଦେହକୁ ଘରକୁ ଆଣିଲା ପରେ ତା' ବେକରେ ରଶି ଦାଗ ଥିଲା। ବେକରେ ରଶି ବାନ୍ଧି ଯଦି ରାହୁଲ ଆତ୍ମହତ୍ୟା କରିଥିଲେ, ତେବେ ମୃତଦେହ ଗଛରେ ଝୁଲି ରହିଥାଆନ୍ତା। ମୃତଦେହ ତଳେ ପଡିଲା କିପରି ବୋଲି ପ୍ରଶ୍ନ କରିବାରୁ ମୁଁ ଏ ସଂକ୍ରାନ୍ତରେ କିଛି କହିପାରିବି ନାହିଁ ବୋଲି ସେ କହିଥିଲେ। ମୃତଦେହ ଗଛତଳେ ପଡିଥିବା କୁନି କହୁଥିବା ବେଳେ, ରଶି ଲଗାଇ ପୁଅ ଆତ୍ମହତ୍ୟା କରିଛି ବୋଲି ବାପା ମକର ପୋଲିସକୁ ସୂଚନା ଦେବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଅଭୟଚାନ୍ଦପୁର ଥାନା ସବ୍‌ଇନ୍ସପେକ୍ଟର ଶ୍ୱେତପଦ୍ମା ଦାଶ କହିଛନ୍ତି, ମକରଙ୍କ ଅଭିଯୋଗକୁ ଭିତ୍ତିକରି ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ଆତ୍ମହତ୍ୟା କି ହତ୍ୟା ସ୍ପଷ୍ଟ ହେବ। ଅନ୍ୟପକ୍ଷେ ଗ୍ରାମବାସୀ କହିଛନ୍ତି, ରାହୁଲଙ୍କ ପାଟି ଓ କାନମୁଣ୍ଡାରୁ ରକ୍ତ ବାହାରୁ ଥିଲା। ବାପା ଓ ସାବତ ମା' ପିଟି ପିଟି ତାଙ୍କୁ ହତ୍ୟା କରିଛନ୍ତି। ମକର ତାଙ୍କ ପ୍ରଥମ ସ୍ତ୍ରୀ ମମତାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଦଣ୍ଡିତ ହୋଇ ୪ ବର୍ଷ ଜେଲରେ ଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷେ ରାହୁଲଙ୍କ ଅଜା ତଥା କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଅଳତାଙ୍ଗ ଗ୍ରାମ କରୁଣାକର ସେଠୀ ଅଭୟଚାନ୍ଦପୁର ଥାନାରେ ପହଞ୍ଚି ତାଙ୍କ ନାତିକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ଜମିକୁ ଯାଉଥିବା ଯୁବକଙ୍କ ଆକସ୍ମିକ ମୃତ୍ୟୁ

**ଦେବଗଡ଼,୧୫।୬(ଡି.ଏନ୍.ଏ.):** ଚାଷ ଜମିକୁ ଯାଉଥିବା ବେଳେ ବୁଧବାର ଜଣେ ଯୁବକଙ୍କ ଆକସ୍ମିକ ମୃତ୍ୟୁ ଘଟିଛି। ସେ ହେଲେ ଦେବଗଡ ଥାନା ପ୍ରଭାଶୁଣୀ ଗ୍ରାମର ସୁନା ମାଝି (୪୦)। ମିଳିଥିବା ସୂଚନା ଅନୁଯାୟୀ ସୁନା କିଛିଦିନ ହେଲା ଧାନ ବୁଣିବା ପାଇଁ ଜମିରେ ହଳ ଧରିଥିଲେ। ଅପରାହ୍ନରେ ସେ କୋଦାଳ ଧରି ଚାଷଜମି ଅଭିମୁଖେ ବାହାରିଥିଲେ। ହେଲେ ଅଧାବାଟରେ ସେ ଚେତାଶୂନ୍ୟ ହୋଇ ପଡିଥିବା ନେଇ ଗ୍ରାମବାସୀ ତାଙ୍କ ଘରକୁ ସୂଚନା ଦେଇଥିଲେ । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଦେବଗଡ ଆଦର୍ଶ ଥାନା ପୋଲିସ ସୁନାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଶବାଗାରରେ ସଂରକ୍ଷିତ ରଖିଛି। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି ।

### ହରିଣ ସହ ଧକ୍କା : ବାଇକ୍ ଆରୋହୀ ଗୁରୁତର

**ଦେବଗଡ଼,୧୫।୬(ଡି.ଏନ୍.ଏ.):** ବୁଧବାର ଅପରାହ୍ନରେ ଦେବଗଡ ଥାନା ପ୍ରଭାଶୁଣି-ଚଟିବରଘାଟ ଜଙ୍ଗଲ ରାସ୍ତାରେ ଏକ ହରିଣ ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଦେବଗଡ ଥାନା ଅନ୍ତର୍ଗତ କରଡାପାଳ ଗ୍ରାମର କମଲ କାଣ୍ଡୁଲାନା(୩୬)। ସେ ବାଇକ୍‌ରେ ଯାଉଥିବାବେଳେ ରାସ୍ତା ପାରି ହେଉଥିବା ଏକ ହରିଣ ସହ ଧକ୍କା ହୋଇଥିଲା।

### ନାବାଳିକା ବଳାତ୍କାର ଘଟଣା; ଅଭିଯୁକ୍ତ ଗିରଫ

**କୁତ୍ରା, ୧୫।୬(ଡି.ଏନ.ଏ):** ସୁନ୍ଦରଗଡ ଜିଲା କୁତ୍ରା ପୋଲିସ ଦ୍ୱାରା ଗିରଫ ହେଲେ ନାବାଳିକା ବଳାତ୍କାରକାରୀ। କୁତ୍ରା ଅଞ୍ଚଳର ଜନୈକା ନାବାଳିକା (୧୨)ଙ୍କୁ ବିଷ୍ଣୁ ହେସ(୩୦) ନାମକ ଯୁବକ ବଳାତ୍କାର କରିଥିଲେ। ଫଳରେ ନାବାଳିକା ୭ମାସର ଗର୍ଭବତୀ ଥିବା ନେଇ ଗତ ମେ ୧୮ ତାରିଖ ପରିବାର ଲୋକଙ୍କ ପକ୍ଷରୁ କୁତ୍ରା ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଆଧାରକରି କୁତ୍ରା ପୋଲିସ ତନାଘନା ତଦନ୍ତ ଚଳାଇଥିଲା। ଦୀର୍ଘ ୨୬ ଦିନ ପରେ ବୁଧବାର ଅଭିଯୁକ୍ତ ପୋଲିସ ହାତରେ ଧରାପଡ଼ିଛି। ଏହାକୁ ନେଇ କୁତ୍ରା ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ବୁଧବାର ଡାକ୍ତରୀମାଇନା କରାଯାଇଛି ଏବଂ ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି କହିଛନ୍ତି କୁତ୍ରା ଥାନା ଅଧିକାରୀ।

### ବହୁ ଦିନର ଦାବି ପୂରଣ ହେଲା

**ଝାରସୁଗୁଡ଼ା ଅଫିସ,୧୫।୬:** ଝାରସୁଗୁଡା ବମ୍ଫେଛକ ନିକଟରେ ଥିବା ଇଏସ୍‌ଆଇ ହସ୍ପିଟାଲରେ ଇଏସ୍‌ଆଇସି ଉପ-ଆଞ୍ଚଳିକ କାର୍ଯ୍ୟାଳୟକୁ ବୁଧବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଲୋକାର୍ପିତ କରିଛନ୍ତି। ଏଥିରେ ବରଗଡ ଏମ୍‌ପି ସୁରେଶ ପୂଜାରୀ, ରାଉରକେଲା ଇଏସ୍‌ଆଇ ହସ୍ପିଟାଲ୍ ସୁପରିଣ୍ଟେଣ୍ଡେଣ୍ଟ ଡା. ଜୟନ୍ତୀ ବେହେରା, ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, କାଉନ୍‌ସିଲର ବାସନ୍ତୀ ଟପ୍ପୋ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏମ୍‌ପି ପୂଜାରୀ କହିଛନ୍ତି, ଝାରସୁଗୁଡାରେ ଉପ-ଆଞ୍ଚଳିକ କାର୍ଯ୍ୟାଳୟ ଖୋଲିବା ପାଇଁ ଦୀର୍ଘ ଦିନରୁ ଦାବି ହୋଇଆସୁଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମକ୍ରମେ ଏହା ସମ୍ଭବ ହୋଇପାରିଛି।

## ମୋବାଇଲ, ବାଇକ୍ ଜବତ: ଜଣେ ଗିରଫ

ରାଉରକେଲା ଅଫିସ, ୧୫।୬

ମୋବାଇଲ, ବାଇକ ଚୋରି ଅଭିଯୋଗରେ ଛେଣ୍ଡ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଶିବୁ ଶର୍ମା(୨୦)। ଏନେଇ ପୋଲିସ ଏକ ମାମଲା (ନଂ.୧୦୯।୨୨) ରୁଜୁ କରି ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ଛେଣ୍ଡ ସ୍ଥିତ ପିସ୍ତଲଟୋଲି ବସ୍ତିରେ ଶିବୁ ବାସ କରନ୍ତି। ଗତ ୧୩ ତାରିଖ ଜଣେ ମହିଳା ଛେଣ୍ଡ ହାଟକୁ ପରିବା କିଣିବାକୁ ଆସିଥିବାବେଳେ ଶିବୁ ତାଙ୍କ ସ୍ମାର୍ଟଫୋନ ଛିନ୍‌ତାଇ କରି ଫେରାର ହୋଇଯାଇଥିଲେ। ଏହି ଘଟଣାର ତଦନ୍ତ କରି ପୋଲିସ ଶିବୁଙ୍କୁ ଗିରଫ କରିଥିଲା। ତା'ଠାରୁ ପୋଲିସ ମୋବାଇଲ ଫୋନ ସହ ଏକ ଟଲି ରିକ୍ସା ଓ ହଳଦିଆ ରଙ୍ଗର ପଲସର ଗାଡ଼ି ଜବତ କରିଛି।

## ବରସୁଆଁରେ ଗରିବ କଲ୍ୟାଣ ସମ୍ମିଳନୀ



ସମ୍ମିଳନୀରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଉଦ୍‌ବୋଧନ ଦେଉଛନ୍ତି।

ଲହୁଣୀପଡା,୧୫।୬(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ବରସୁଆଁଠାରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମଙ୍କ ଉପସ୍ଥିତିରେ ଗରିବ କଲ୍ୟାଣ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଉପସ୍ଥିତ ରହି କେନ୍ଦ୍ରରେ ମୋଦି ସରକାରଙ୍କ ସେବା, ସୁଶାସନ ଓ ଗରିବକଲ୍ୟାଣ ଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ଅଭିଭାଷଣ ପ୍ରଦାନ କରିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଗରିବ କଲ୍ୟାଣ ଯୋଜନାରେ ଲାଭାନ୍ୱିତ ହୋଇଥିବା ହିତାଧିକାରୀଙ୍କ ଉପଲବ୍ଧି ପଚାରି ବୁଝିଥିଲେ। ଗତ ଆଠ ବର୍ଷରେ ଦେଶର ଗରିବ ହାର ୨୨ ପ୍ରତିଶତରୁ ୧୦ ପ୍ରତିଶତକୁ ହ୍ରାସ ପାଇଥିବାବେଳେ ମହାମାରୀ କରୋନା ସଙ୍କଟ ସତ୍ତ୍ୱେ ଅତି ଗରିବ ହାର ୧ ପ୍ରତିଶତରୁ ତଳେ(୦.୮)ପ୍ରତିଶତ ରହିଛି।ଷ୍ଟାର୍ଟ ଅପ ଏବଂ ୟୁନିକର୍ଣ୍ଣ ହବ ଭାବେ ଭାରତ ଆଜି ବିଶ୍ୱ ଦରବାରରେ ନିଜକୁ ପ୍ରତିଷ୍ଠା କରିପାରିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଦୀନ ଦୟାଲ ଉପାଧ୍ୟାୟ, ଗ୍ରାମୀଣ ବିଦ୍ୟୁତ ଯୋଜନା, ହର ଘର ଜଳ ଯୋଜନା, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା, ପିଏମ-କିଷାନ ଯୋଜନା, ପିଏମ ଉଜ୍ଜ୍ୱଳା ଯୋଜନା ଆଦି ଅନେକ ଜନକଲ୍ୟାଣକାରୀ ଯୋଜନା ଦ୍ୱାରା ଦେଶବାସୀ ଉପକୃତ ହୋଇପାରିଛନ୍ତି ବୋଲି ଜୁଏଲ ଉଲ୍ଲେଖ କରିଥିଲେ।

## ଥାନାରେ ଏତଲା ଦେଲେ ଜଗବନ୍ଧୁ

### ପୌର ପରିଷଦ ଅବସରପ୍ରାପ୍ତ କର୍ମଚାରୀଙ୍କ ଅର୍ଥ ହଡ଼ପ ଘଟଣା

ଦେବଗଡ଼,୧୫।୬(ଡି.ଏନ.ଏ.)

ଦେବଗଡ଼ ପୌର ପରିଷଦର ଅଧିକାରୀ ଓ କର୍ମଚାରୀ ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ୧୩ ଲକ୍ଷ ଟଙ୍କା ହଡପ କରିଥିବା ନେଇ ବୁଧବାର ଦେବଗଡ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି । ଅବସରପ୍ରାପ୍ତ କର୍ମଚାରୀ ଜଗବନ୍ଧୁ ମୁଣ୍ଡା ଏ ନେଇ ଦେବଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦେବଗଡ ପୌର ପରିଷଦରେ ଟ୍ୟାକ୍ସ କଲେକ୍ଟର ଭାବେ କାର୍ଯ୍ୟରତ କଳାମାଟି ଗ୍ରାମର ଜଗବନ୍ଧୁ ମୁଣ୍ଡାଙ୍କ ଅଭିଯୋଗ ଅନୁଯାୟୀ, ସେ ୨୦୧୯ରେ ଚାକିରିରୁ ଅବସର ଗ୍ରହଣ କରିଥିଲେ। ଅବସରକାଳୀନ ବକେୟା ପ୍ରାପ୍ୟ ପାଇଁ ସେ ପୌର କର୍ତ୍ତୃପକ୍ଷଙ୍କଜ ନିକଟକୁ ବାରମ୍ବାର ଦୌଡିବା ପରେ ତିନୋଟି ପର୍ଯ୍ୟାୟରେ ତାଙ୍କୁ ମୋଟ ୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ଅବଶିଷ୍ଟ ୧୩ ଲକ୍ଷ ଟଙ୍କା ଅବିଳମ୍ବେ ପ୍ରଦାନ ପାଇଁ ତାଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏ ସମ୍ପର୍କରେ ସେ ପୌର ପରିଷଦର ଅଧିକାରୀ ଓ କର୍ମଚାରୀଙ୍କୁ ଗୁହାରି କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା । ବକେୟା ଅର୍ଥ ହଡପ କରାଯାଇଥିବା ଜାଣିବା ପରେ ଜଗବନ୍ଧୁ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ବିଜୁ ଯୁବ ଜନତାଦଳ ପକ୍ଷରୁ ରକ୍ତଦାନ ଶିବିର



ରକ୍ତଦାନ ଶିବିରରେ ରକ୍ତଦାତା ଓ ଅନ୍ୟମାନେ।

ସୁନ୍ଦରଗଡ଼,୧୫।୬(ଡି.ଏନ.ଏ)

ଓଡ଼ିଶାର ଗଣପର୍ବ ରଜ ଏବଂ ବିଶ୍ୱ ରକ୍ତଦାତା ଦିବସ ଅବସରରେ ଓଡ଼ିଶା ମୋ ପରିବାର ଓ ଜୀବନବିନ୍ଦୁ ଆନୁକୂଲ୍ୟରେ ସୁନ୍ଦରଗଡ଼ ବିଜୁ ଯୁବ ଜନତା ଦଳ ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଲାଠିକଟା ବ୍ଲକ ବଡ଼ଦଳକିଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ ଉପସ୍ଥିତ ରହି ରକ୍ତଦାନ କରିଥିବା ସମସ୍ତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଜିଲା ବିଜୁ ଯୁବ ଜନତା ଦଳର ଉପସଭାପତି ମହେଶ ନାଗ, ଗୌତମ ମହାରଥୀ, ଲାଠିକଟା ବ୍ଲକ ଅଧ୍ୟକ୍ଷ ଦିଲୀପ ଖେସ, ଲାଠିକଟା ଜିଲା ପରିଷଦ 'ଖ'ଜୋନ ସଭ୍ୟ ସଂଯୁକ୍ତା ବାର୍ଲା, ସରପଞ୍ଚ ରାମକା ଖାଲକୋ, ପ୍ରତିମା ମାଝି, ସମିତି ସଭ୍ୟା ନିତୁ କିଷାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ ୩୫ୟୁନିଟ ରକ୍ତ ସଂଗ୍ରହ କରାଯାଇଛି।

## ସଚେତନ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ

ସୋନପୁର,୧୫।୬(ନି. ପ୍ର)

ସୁବର୍ଣ୍ଣପୁର ଜିଲା ସଚେତନ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ ମଞ୍ଚର ସଭାପତି ସିତାଂଶୁ ଶେଖର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନିର୍ମାଣ କାର୍ଯ୍ୟ ଓ ସମ୍ବଲପୁର-ଗୋପାଳପୁର ପ୍ରସ୍ତାବିତ ନୂତନ ରେଳପଥ ସୁବର୍ଣ୍ଣପୁର ଜିଲା ଦେଇ ଯିବା ବିଷୟରେ ଆଲୋଚନା ହୋଇଥିଲା। ପୂର୍ବରୁ ଏ ନେଇ ଆଲୋଚନା ହୋଇ ଜିଲା ପ୍ରଶାସନ ଜରିଆରେ ସ୍ମାରକପତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ପ୍ରାକ୍ତନ ମନ୍ତ୍ରୀ ପଦ୍ମନାଭ ବେହେରା ଓ ବଲାଙ୍ଗୀର ଏମ୍‌ପି ସଂଗୀତା ସିଂଦେଓଙ୍କ ଅବଗତି ନିମନ୍ତେ ପଠାଯାଇ ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା। ରେଳ ପ୍ରକଳ୍ପ ବିଷୟରେ ପତ୍ର, ମେଲ୍, ଟୁଇଟ ଓ ଜିଲା ପ୍ରଶାସନ ଜରିଆରେ ଜଣାଯାଇ ଥିଲେ ମଧ୍ୟ କୋଣସି ଉତ୍ତର ନ ମିଳିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସେଥିପାଇଁ ପୁଣିଥରେ ଏକ ପତ୍ର ରେଳମନ୍ତ୍ରୀଙ୍କୁ ଲେଖିବା ସହ ଏ ନେଇ ବଲାଙ୍ଗୀର ଏମ୍‌ପିଙ୍କ ଅବଗତି ଲାଗି ନିଷ୍ପତ୍ତି ନିଆଗଲା। ଏଥିସହ ସୁବର୍ଣ୍ଣପୁର ସହରକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ହେରିଟେଜ ପ୍ରକଳ୍ପ ବିଷୟରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବା ନେଇ ଆଲୋଚନା ହୋଇଥିଲା। ଜିଲାର ସଦର ମହକୁମାଠାରେ ଚାଲୁ ରହିଥିବା ମହାନଦୀ ସେତୁ ଠାରୁ ତେଲନଦୀ ସେତୁ ପର୍ଯ୍ୟନ୍ତ ରିଙ୍ଗରୋଡ଼ କାର୍ଯ୍ୟ ଓ ମହାନଦୀ ସେତୁଠାରୁ କୁଞ୍ଜ ଢାବା ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟର ଅଗ୍ରଗତି ହେଉ ନ ଥିବାରୁ ପ୍ରଶାସନର କାର୍ଯ୍ୟକୁ ନେଇ ନାଗରିକ ମଞ୍ଚ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଜିଲା ପ୍ରଶାସନ ଏ ଦିଗରେ ତ୍ୱରିତ ପଦକ୍ଷେପ ନ ନେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବୈଠକରେ ସଚେତନ ନାଗରିକ ମଞ୍ଚର ସଭାପତି ମିଶ୍ରଙ୍କ ସମେତ ସମ୍ପାଦକ ଗୁଣନିଧି ମେହେର, ଧୀରେନ୍ଦ୍ର କୁମାର ପଟ୍ଟନାୟକ, ରାମକୃଷ୍ଣ ମେହେର, ମହେଶ ପୂଜାହାରୀ, ବାଙ୍କାନିଧି ରାୟଗୁରୁ, ,ସୂର୍ଯ୍ୟ ନାରାୟଣ ଦାସ, ନବଘନ ଷାଣ୍ଢ ଓ ପଞ୍ଚାନନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## କଣ୍ଟେନର ଚାପାରେ ବାଇକ୍ ଆରୋହୀ ମୃତ

### ଉତ୍ତ୍ୟକ୍ତ ଲୋକଙ୍କ ୪୯ନଂ ଜାତୀୟ ରାଜପଥ ଅବରୋଧ

ଦେବଗଡ଼,୧୫।୬(ଡି.ଏନ୍.ଏ.)

ବୁଧବାର ଅପରାହ୍ନରେ ଦେବଗଡ ଥାନା ଅନ୍ତର୍ଗତ କୈଳାଶ ଗ୍ରାମ ନିକଟସ୍ଥ ୪୯ନମ୍ବର ଜାତୀୟ ରାଜପଥରେ ଏକ କଣ୍ଟେନର ଚାପାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅପରାହ୍ନ ପ୍ରାୟ ୫ଟାରେ ବରଘାଟ ଗ୍ରାମର ସୁଦନ ସାହୁ(୩୭)ନିଜର ଟ୍ରାକ୍ଟର ପାଇଁ ଡିଜେଲ ଆଣିବାକୁ ଏକ ବାଇକ ନଂ. ଓଡି-୨୮ଏ -୦୧୧୭ ଯୋଗେ କୈଳାଶ ଗ୍ରାମରେ ଥିବା ପେଟ୍ରୋଲ ପମ୍ପକୁ ଯାଉଥିଲେ। ତେବେ କୈଳାଶ ପେଟ୍ରୋଲ ପମ୍ପ ନିକଟସ୍ଥ ବୁଲାଣି (ରୋଡ ଡିଭାଇଡର)ପାରି ହେବାକୁ ଉଦ୍ୟମ କରୁଥିବା ବେଳେ ପଛପଟୁ ଆସୁଥିବା ଏକ କଣ୍ଟେନର ତାଙ୍କୁ ଧକ୍କା ଦେବା ସହ ସୁଦନଙ୍କ ମୁଣ୍ଡ ଉପରେ ଚଢି ଫେରାର ହୋଇଯାଇଥିଲା । ଫଳରେ ଘଟଣାସ୍ଥଳରେ ସୁଦନଙ୍କର ମୃତ୍ୟୁ ଘଟିଥିଲା। ସୁଦନଙ୍କର ମୃତ୍ୟୁ ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଉତ୍ତ୍ୟକ୍ତ ଲୋକେ ୪୯ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ସୂଚନାପାଇ ଦେବଗଡ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ସୁଦନଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା । ସେହିପରି ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ଫେରାର ହୋଇଯାଉଥିବା କଣ୍ଟେନରକୁ ପୋଲିସ ବାରକୋଟ ଥାନା ଅଞ୍ଚଳରେ ଜବତ କରି ଦେବଗଡ଼ ଥାନାକୁ ଆଣିଛି।

## ରଜ ମଉଜ


ସମ୍ବଲପୁର ପାନ୍ଥ ନିବାସଠାରେ ରଜଦୋଳିର ମଜା ନେଉଛନ୍ତି ଯୁବତୀମାନେ।

## ମିଶନ ଆଶ୍ରାରେ ଅନ୍ତେବାସୀ ପାଳିଲେ ରଜପର୍ବ

ଝାରସୁଗୁଡ଼ା ଅଫିସ,୧୫।୬


ରଜଦୋଳିର ମଜା ନେଉଛନ୍ତି ଅନ୍ତେବାସୀ।

ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲସ୍ ଫୋରମ୍ ତରଫରୁ ଝାରସୁଗୁଡା କଣ୍ଟାପାଲିସ୍ଥିତ ମିଶ୍ରନ ଆଶ୍ରା ଥଇଥାନ କେନ୍ଦ୍ରରେ ଅନ୍ତେବାସୀମାନେ ଧୁମ୍‌ଧାମରେ ରଜପର୍ବ ପାଳନ କରିଛନ୍ତି। ଏସ୍‌ପି ରାହୁଲ ଜୈନ ମୁଖ୍ୟଅତିଥି ଭାବେ ଯୋଗଦେଇ ଅନ୍ତେବାସୀଙ୍କ ଗହଣରେ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମିଶନ ଆଶ୍ରା ତରଫରୁ ବିଭିନ୍ନ ପ୍ରକାର ସୁସ୍ୱାଦୁ ପିଠା, ମିଠା ଓ ରଜପାନ ଆଦି ବ୍ୟବସ୍ଥା କରାଯାଇଥିଲା। ମୁଖ୍ୟଅତିଥି ଅନ୍ତେବାସୀଙ୍କୁ ଏସବୁ ପିଠାପଣା ବଣ୍ଟନ କରିଥିଲେ । ଏହି ଅବସରରେ ପିପୁଲସ୍ ଫୋରମ୍ ତରଫରୁ ସମସ୍ତ ଅନ୍ତେବାସୀଙ୍କ ପାଇଁ ନୂଆବସ୍ତ୍ର କରାଯାଇଛି। ନୂଆବସ୍ତ୍ର ପରିଧାନ କରି ଅନ୍ତେବାସୀମାନେ ପିଠାପଣା ଖାଇବା ସହ ରଜଦୋଳିରେ ବସି ମଜା ନେଇଥିଲେ। ପରେ ଅନ୍ତେବାସୀଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏଥିରେ ଜିଲା ସାମାଜିକ ସୁରକ୍ଷା ଅଧିକାରିଣୀ ଗୋପାଲକ୍ଷ୍ମୀ ହୋତା, ଉପଖଣ୍ଡୀୟ ସାମାଜିକ ସୁରକ୍ଷା ଅଧିକାରିଣୀ ପ୍ରତିଭା ବେହେରା, ଅଧ୍ୟାପିକା ତଥା କବୟତ୍ରୀ ମନ୍ଦାକିନୀ ଶତପଥୀ ପ୍ରମୁଖ ଯୋଗଦେଇ ଅନ୍ତେବାସୀଙ୍କ ସହ ରଜପର୍ବ ପାଳନ କରିଥିଲେ। ଅନୁଷ୍ଠାନର ପଶ୍ଚିମ ଓଡ଼ିଶା ମୁଖ୍ୟ ସଞ୍ଜୟ ଜେଠୀ କହିଛନ୍ତି, ଅନ୍ତେବାସୀମାନେ ଘର ଛାଡି ଏଠାରେ ରହୁଛନ୍ତି। ସେମାନଙ୍କ ମନରେ ଖୁସି ଆଣିବା ପାଇଁ ରଜପର୍ବ ଭଳି ବିଭିନ୍ନ ପାରମ୍ପରିକ ପର୍ବ ଏହି କେନ୍ଦ୍ରରେ ପାଳିତ ହୋଇଆସୁଛି ।

## ସିନାପାଲିରେ ରଜପର୍ବ ପାଳିତ

ସିନାପାଲି,(ଡି.ଏନ.ଏ.): ନୂଆପଡ଼ା ଜିଲା ସିନାପାଲି ଅଞ୍ଚଳରେ ବୁଧବାର ଆନନ୍ଦ ଉଲ୍ଲାସରେ ରଜପର୍ବ ପାଳିତ ହୋଇଛି। ରଜ ପାଳନ ପାଇଁ ବିଶେଷ କରି ଝିଅ ଓ ମହିଳାମାନେ ସକାଳୁ ନୂଆଁ ଡ୍ରେସ, ଶାଢ଼ୀ ପିନ୍ଧି ସଜବାଜ ହେବା ସହ ପାରମ୍ପରିକ ପିଠାପଣା, ପାନ, ଭୋଜନ ଆଦି ତିଆରି କରିଥିଲେ। କୁନିକୁନି ପିଲାଙ୍କ ସହ ଝିଅ ଓ ମହିଳାମାନେ ରଜ ଗୀତ ଗାଇ ଆକର୍ଷଣୀୟ ରଜ ଦୋଳିରେ ଝୁଲିବା ସହ ବିଭିନ୍ନ ଖେଳରେ ମାତିଥିବା ଦେଖିବାକୁ ମିଳିଛି। ସିନାପାଲି ଜଗନ୍ନାଥ ଛକ ଅଞ୍ଚଳ ସହ ବିଭିନ୍ନ ସ୍ଥାନରେ ରଜପର୍ବ ଉତ୍ସାହ ଦେଖିବାକୁ ମିଳିଛି।



## ସଂକ୍ଷେପରେ

### ଲୋଇସିଂହା ବିଡିଓଙ୍କ ନୂଆପଡା ଉପଜିଲାପାଳ ଭାବେ ନିଯୁକ୍ତି

**ଲୋଇସିଂହା,୧୫।୬(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମଚନ୍ଦ୍ର ଖାଡିଆଙ୍କ ପଦୋନ୍ନତି ହୋଇଛି। ପଦୋନ୍ନତି ପରେ ତାଙ୍କୁ ନୂଆପଡା ଉପଜିଲାପାଳ ଭାବେ ଅବସ୍ଥାପିତ କରାଯାଇଛି। ଏନେଇ ଜେନେରାଲ ଆଡମିନିଷ୍ଟ୍ରେଶନ ଓ ପବ୍ଲିକ ଗ୍ରିଭାନ୍ସ ବିଭାଗ ପକ୍ଷରୁ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ୨୦୧୬ରେ ଲୋଇସିଂହା ବ୍ଲକରେ ଖାଡିଆ ବିଡିଓ ଭାବେ ଯୋଗଦେଇଥିଲେ। ୨୦୧୭ ଏବଂ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ସେ ସଫଳତାର ସହ ପରିଚାଳନା କରିଥିଲେ। ଏଥିପୂର୍ବରୁ ମଧ୍ୟ ତାଙ୍କର ପଦୋନ୍ନତି ହୋଇଥିଲା । କିନ୍ତୁ ସେ ଏହାକୁ ଆଗ୍ରାହ୍ୟ କରି ବିଡିଓ ଭାବେ କାର୍ଯ୍ୟ କରିଥିଲେ ।

### ଭାଜପା ଯୁବମୋର୍ଚ୍ଚାର ବାଇକ୍ ରାଲି

**ଲୋଇସିଂହା,୧୫।୬(ଡି.ଏନ.ଏ):** ମୋଦି ସରକାରର ୮ ବର୍ଷ ପୂର୍ତ୍ତି ଉପଲକ୍ଷେ ବଲାଙ୍ଗୀର ଜିଲା ଲୋଇସିଂହା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବ୍ଲକର ୩୪ନଂ ଜୋନ ଅନ୍ତର୍ଗତ ସରଗାଡଠାରୁ ଉପରବାହାଲ ପର୍ଯ୍ୟନ୍ତ ଏକ ବାଇକରାଲି ଅନୁଷ୍ଠିତ ହୋଇଯାଇଛି। ରାଜୁ ସାହୁଙ୍କ ନେତୃତ୍ୱରେ ଯୁବନ୍‌ମୋର୍ଚ୍ଚା ସଦସ୍ୟମାନେ ଗାଁକୁ ଗାଁ ଯାଇ ଗରିବ କଲ୍ୟାଣକାରୀ ଯୋଜନା ବିଷୟରେ ଲୋକଙ୍କୁ ଅବଗତ କରିଥିଲେ। ଜିତୁ ସାହୁ ଏବଂ ବହୁ ସଂଖ୍ୟାରେ ଯୁବ ସଦସ୍ୟ ରାଲିରେ ସାମିଲ ହୋଇଥିଲେ ।

### ଉଚ୍ଛେଦ ପରେ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ଥଇଥାନ ଦାବି

**ଲୋଇସିଂହା,୧୫।୬(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହାରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଚାଲିଛି। ଉଚ୍ଛେଦ ଯୋଗୁ ୨୬ ନଂ ଜାତୀୟ ରାଜପଥପାର୍ଶ୍ୱରେ ଥିବା ଦୋକାନୀମାନେ ପ୍ରଭାବିତ ହୋଇଛନ୍ତି। ବଲାଙ୍ଗୀର-ବରଗଡ ୨୬ ନଂ ଜାତୀୟ ରାଜପଥ ପ୍ରଶସ୍ତିକରଣ କାମ ଚାଲିଛି । ଲୋଇସିଂହା କଲେଜ ଛକରୁ ଏସବିଆ ବ୍ୟାଙ୍କ ପର୍ଯ୍ୟନ୍ତ ରାସ୍ତାକଡକୁ ଲାଗି ଦୋକାନ ଗୃହ ରହିଥିଲା । ବସ୍‌ଷ୍ଟାଣ୍ଡଠାରେ ପିତୁ ରାସ୍ତାକୁ ଲାଗି ଦୋକାନ ରହିଥିଲେ। ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିଲା । ଏହାବାଦ ଦୋକାନ ଗୃହ ଯୋଗୁ ରାସ୍ତା ପ୍ରଶସ୍ତିକରଣ କାମରେ ବାଧା ସୃଷ୍ଟି ହେଉଥିଲା । ଜୁନ ୯ସୁଦ୍ଧା ହଟିବାକୁ ଦୋକାନୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ସ୍ଥାନୀୟ ତହସିଲଦାର। ନଚେତ୍ ଜୁନ ୧୦ରୁ ଜବରଦଖଲ ଉଚ୍ଛେଦ କରାଯିବ ବୋଲି କୁହାଯାଇଥିଲା । ବ୍ଲକ ଛକରୁ ପଦ୍ମପୁର ଛକ ପର୍ଯ୍ୟନ୍ତ ଦୋକାନ କରିଥିବା ବ୍ୟବସାୟୀମାନେ ସେମାନଙ୍କ ଦୋକାନ ଘର ଭାଙ୍ଗିଥିଲେ। ଦୋକାନ ଗୃହ ଉଚ୍ଛେଦ ପରେ ବହୁ ବ୍ୟବସାୟୀଙ୍କ ଜୀବିକା ଚଲିଯାଇଛି । ଅବିଳମ୍ବେ ନୂତନ ସ୍ଥାନ ନିରୂପଣ କରି ସେମାନଙ୍କୁ ଥଇଥାନ କରିବାକୁ ବ୍ୟବସାୟୀମାନେ ଦାବି କରିଛନ୍ତି।

### କଣ୍ଟାବାଞ୍ଜିରେ ଭାଜପାର ଗରିବ କଲ୍ୟାଣ ସଭା

**କଣ୍ଟାବାଞ୍ଜି,୧୫।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମାନସ ଭବନଠାରେ ଗୁରୁବାର ଭାଜପା ତରଫରୁ ଗରୀବ କଲ୍ୟାଣ ସଭାମହା ପାଳିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନର ୮ ବର୍ଷ ପୂର୍ତ୍ତି ଏବଂ ୨ପାଳିର ୩ୟ ବର୍ଷ ପର୍ତ୍ତୀ ଅବସରରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନାର ସୁଫଳ କିଭଳି ସମାଜର ତଳସ୍ତରର ଜନତାଙ୍କ ପାଖରେ ପହଞ୍ଚିଛି ଦଳୀୟ ନେତାମାନେ ତାହାର ଅବତାରଣ କରିଥିଲେ। ଏହି ସଭାରେ ଗତ ପଞ୍ଚାୟତ ନିର୍ବାଚନୀରେ ଭାଜପା ସମର୍ଥନରେ ବିଜୟୀ ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ, କାଉନସିଲରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି। ମୁଖ୍ୟ ଅତିଥିଭାବେ ବଲାଙ୍ଗୀରର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଲୋଇସିଂହା ବିଧାୟକ ଡ.ମୁକେଶ ମହାଲିଙ୍ଗ, ତୁରେକେଲା ବ୍ଲକ ଉପାଧକ୍ଷା ଧନମତୀ ଖୁରା, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ଲକ୍ଷ୍ମଣ ବାଗ, ଜିଲା ସଂଯୋଜକ ମୁକେଶ ଜୈନ, କଣ୍ଟାବାଞ୍ଜି ନଗର ସଭାପତି ବେଦବ୍ୟାସ ନାଗ, ପୂର୍ବତନ ଜିଲା ସଭାପତି ପ୍ରଭାସ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ଜିଲା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରା ମଞ୍ଚ ପରିଚାଳନା କରିଥିଲେ ।

# ବିଭ୍ରାନ୍ତ କରୁଛି ଘଡ଼ିଘରର ଘଣ୍ଟା

- ଡିଜିଟାଲ ଯୁଗରେ ବିଚିତ୍ର ଘଣ୍ଟା
- ଏକ ସମୟରେ ଭିନ୍ନ ସମୟ ଦେଖାଉଛି ୩ ଘଣ୍ଟା
- ପୂର୍ତ୍ତ ବିଭାଗର ଘଡ଼ିକୁ ନେଇ ମ୍ୟୁନିସିପାଲିଟିର ମୁଣ୍ଡବ୍ୟଥା

**ବଲାଙ୍ଗୀର ଅଫିସ,୧୫।୬**

ଜନସାଧାରଣଙ୍କୁ ସମୟ ଜଣାଇବା ଏବଂ ସହରର ସୌନ୍ଦର୍ଯ୍ୟକରଣ ଉଦ୍ଦେଶ୍ୟରେ ବଲାଙ୍ଗୀର ସହର ପାଟଣା ହୋଟେଲ ଛକରେ ଏକ ଘଡିଘର ନିର୍ମାଣ କରାଯାଇ ଏକ ବୃହତ୍‌କାୟ ଘଣ୍ଟା ଲଗାଯାଇଛି। ତେବେ ଲଗାଯାଇଥିବା ଘଣ୍ଟା ଏବେ ସହରବାସୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଘଡିଘରରେ ତିନି ପାଖରେ ତିନୋଟି ଘଣ୍ଟା ଲାଗିଛି। ଘଡିଘର ଉଦ୍‌ଘାଟନ ଦିନ ପରଠାରୁ ଏହି ତିନି ଘଣ୍ଟାରେ ଅଲଗା ଅଲଗା ସମୟ ଦେଖାଯାଉଛି। ସହରବାସୀ ଅଭିଯୋଗ କଲେ ଉକ୍ତ ତିନିଘଣ୍ଟାର ସମୟକୁ ସମାନ କରାଯାଇ ସଜାଇ ଦିଆଯାଉଛି। ଏହାର କିଛି ସମୟ ମଧରେ ପୁଣି ଦେଖାଯାଉଛି ଯେ ତିନି ଘଣ୍ଟାରେ ପୁଣା ଅଲଗା ସମୟ ହେଇଯାଉଛି। ଅନେକ ସମୟରେ ତିନି ଘଣ୍ଟାରୁ ଦୁଇଟି ଘଣ୍ଟା ଚାଲୁ ନ ଥିବା ମଧ ଦେଖାଯାଉଛି। ଘଡିଘରର ଏହି ବିଚିତ୍ର ଘଣ୍ଟା ଓ ବିଭ୍ରାନ୍ତ ସମୟ ସହରବାସୀଙ୍କ ପାଇଁ ଉପହାସ ସଦୃଶ ହୋଇଛି। ଏହାକୁ ନେଇ ଲୋକେ ନକଲି ଘଣ୍ଟା ଲଗାଯାଇଥିବା ଅଭିଯୋଗ କରିଛନ୍ତି। ଏହି ଘଡିଘରକୁ ପୂର୍ତ୍ତ ବିଭାଗ ଯନ୍ତ୍ରୀମାନେ ତିଆରି କରି ଲଗାଇଛନ୍ତି। କମ୍ ଦାମ୍‌ରେ ଏକ ଘଣ୍ଟା ଆଣି ଲଗାଇ ଦେଇଥିବାରୁ ଏଭଳି ଅବ୍ୟବସ୍ଥା ହେଉଥିବା ଚର୍ଚ୍ଚାର ବିଷୟ ହୋଇଛି।

ଘଡିଘର ପରିଚାଳନା ଦାୟିତ୍ୱ ମ୍ୟୁନିସିପାଲିଟି ହାତରେ ରହିଛି। ଡିଜିଟାଲ ଯୁଗରେ ଲୋକଙ୍କୁ ଠିକ୍ ସମୟ ଜଣାଇବା ସହଜ ହୋଇଥିବାବେଳେ ଏବେ ଏହି ଘଣ୍ଟାକୁ ସଜାଇବା ପାଇଁ ମ୍ୟୁନିସିପାଲିଟି ଖାଳନାଳ ହୋଇଗଲାଣି। ଦୁଇଜଣ ଟେକ୍‌ନସିଆନ୍ ଏଥିପାଇଁ ନିୟୋଜିତ ଥିବା ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ମ୍ୟୁନିସିପାଲିଟି ନିର୍ବାହୀ ଯନ୍ତ୍ରୀ ବିପିନ ଦୀପଙ୍କୁ ପଚରାଯିବାରୁ ପୂର୍ତ୍ତ ବିଭାଗ ପକ୍ଷରୁ ଘଡିଘର ତିଆରି ଓ ଘଣ୍ଟା ଲଗାଯାଇଛି। ମ୍ୟୁନିସିପାଲିଟି କେବଳ ପରିଚାଳନା ଦାୟିତ୍ୱରେ ରହିଛି। ସେ ଘଣ୍ଟା କେଉଁଠୁ କିଣାଯାଇଛି ସେସମ୍ପର୍କରେ ସେ କିଛି କହିପାରିବେ ନାହିଁ ବୋଲି କହିଛନ୍ତି। ଯଥାଶୀଘ୍ର ଏହି ଘଣ୍ଟାକୁ ପରିବର୍ତ୍ତନ କରିବାକୁ ସଚେତନ ସହରବାସୀ ଦାବି କରିଛନ୍ତି।



ବଲାଙ୍ଗୀର ପାଟଣା ହୋଟେଲ ଛକରେ ଥିବା ଘଡିଘର।

# ଚାଷଜମି ପାଇଁ କଟା ହେଉଛି ସଂରକ୍ଷିତ ଜଙ୍ଗଲ


ଚାଷଜମି କରିବା ଉଦ୍ଦେଶ୍ୟରେ ଜଙ୍ଗଲକୁ କାଟି ଦିଆଯାଇଛି।

**କଣ୍ଟାବାଞ୍ଜି,୧୫।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଓ ବଙ୍ଗୋମୁଣ୍ଡା ରେଞ୍ଜରେ ଦିନକୁ ଦିନ ସଂରକ୍ଷିତ ଜଙ୍ଗଲ ଧ୍ୱଂସ ହେବାରେ ଲାଗିଛି । ଚାଷଜମିରେ ପରିଣତ କରିବା ପାଇଁ ସଂରକ୍ଷିତ ଜଙ୍ଗଲରୁ ଗଛକାଟି ପଦା କରାଯାଉଛି। ବିଭାଗୀୟ ଅଧିକାରୀମାନେ ଏ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି। କଣ୍ଟାବାଞ୍ଜି ରେଞ୍ଜ ଅନ୍ତର୍ଗତ ରାଜୁ ସଂରକ୍ଷିତ ଜଙ୍ଗଲରେ ଥିବା ଘଞ୍ଚ ଶାଗୁଆନ ବଣ ଏବେ ଧ୍ୱଂସ ହେବାକୁ ବସିଲାଣି। ବଡଡକଲା- ଢୋଲମାନ୍ଦଲ, ତୁରେକେଲା-ଘୁନେଶ, କାଦୋବେଡା- ଖୁଜେନ, ତୁରେକେଲା-ମହଖଣ୍ଡ, ତୁରେକେଲା-ମହୁଲପାଟି, ପଣ୍ଡରେନ-ମହଖଣ୍ଡ, ମହଖଣ୍ଡ-ନାନ୍ଦୋଲ, କନ୍ଦେଇ-ଜୁବାମାଲ, ଗଡିଆଯୋର-ସନ୍ଧିବାହାଲି, ଖଗସା-ପାଟିମାଲ, ପାଟିମାଲ-ରହେନଭଟା, ସେମଲା-କମେଇମୁଣ୍ଡା ମୁଖ୍ୟ ସଡକ ପାର୍ଶ୍ୱରେ ଥିବା ସଂରକ୍ଷିତ ଜଙ୍ଗଲ ଚାଷଜମି କରିବା ଯୋଗୁ ଧ୍ୱଂସ ହେବାରେ ଲାଗିଛି। ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ସଂରକ୍ଷିତ ଜଙ୍ଗଲ ଚାଷଜମିରେ ପରିଣତ ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ପ୍ରାଣୀଧନ କାର୍ଯ୍ୟାଳୟରେ ତାଲା ପକାଇଲେ


ପ୍ରାଣୀଧନ କାର୍ଯ୍ୟାଳୟ ଗେଟରେ ତାଲା ପକାଇ ପଶୁ, ପକ୍ଷୀ ପାଳକ ଓ ସରପଞ୍ଚମାନେ ଧାରଣା ଦେଇଛନ୍ତି।

**ସଇଁତଳ,୧୫।୬(ଡି.ଏନ.ଏ.)**

ବ୍ଲକ ପ୍ରାଣୀଧନ ଚିକିତ୍ସା ଅଧିକାରୀ(ବିଭିଓ)ଙ୍କ ବଦଳି ବାତିଲ ଦାବିରେ ବୁଧବାର ପଶୁ, ପକ୍ଷୀ ପାଳକମାନେ ବଲାଙ୍ଗୀର ଜିଲା ସଇଁତଳା ପ୍ରାଣୀଧନ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଏଠାରେ କାର୍ଯ୍ୟରତ ପ୍ରାଣୀଧନ ଚିକିତ୍ସା ଅଧିକାରୀ ସଞ୍ଜୟ କୁମାର ମହାକୁର ପଶୁ ପାଳନ ନେଇ ସେମାନଙ୍କ ସହ ଉତ୍ତମ ସମ୍ପର୍କ ରଖି ପରାମର୍ଶ ଦେଇ ଆସୁଥିଲେ। ବର୍ତ୍ତମାନ ତାଙ୍କ ବଦଳି ସେମାନଙ୍କୁ କ୍ଷୁବ୍ଧ କରିଛି। ଅନ୍ୟପକ୍ଷରେ ବଦଳି ପୂର୍ବରୁ ବିକଳ୍ପ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଥିଲେ। ସଇଁତଳା ବ୍ଲକ ଅଞ୍ଚଳର ପଶୁଞ୍ଜ, ପକ୍ଷୀ ପାଳକମାନଙ୍କ ସହ ସ୍ଥାନୀୟ ସରପଞ୍ଚମାନେ ପ୍ରାଣୀଧନ କାର୍ଯ୍ୟାଳୟକୁ ଆସ ଅତିରିକ୍ତ ପ୍ରାଣୀଧନ ଚିକିତ୍ସା ଅଧିକାରୀ ବବିତା ପାତ୍ରଙ୍କୁ ଭେଟିଥିଲେ । ପରେ ସେମାନେ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଜିଲା ପ୍ରାଣୀଧନ ଚିକିତ୍ସାଧିକାରୀ ସନ୍ତୋଷ ପଣ୍ଡା ଫୋନ ଯୋଗେ ଆନ୍ଦୋଳନକାରୀ ପଶୁ, ପକ୍ଷୀ ପାଳକଙ୍କ ସହ କଥା ହୋଇ ଆଗାମୀ ଏକମାସ ମଧ୍ୟରେ ଅନ୍ୟ ଜଣଙ୍କୁ ନିଯୁକ୍ତି ଦେବା ପରେ ମହାକୁରଙ୍କ ବଦଳି ହେବ ବୋଲି କହିଥିଲେ। ଏହାପରେ କାର୍ଯ୍ୟାଳୟରୁ ତାଲା ଖୋଲିଥିଲା। ସଇଁତଳା ସରପଞ୍ଚ ସୁବ୍ରତ ନାଗ, ବିବିନା ସରପଞ୍ଚ ପୁରୁଷୋତ୍ତମ କଲତା, ଡେଙ୍ଗ ସରପଞ୍ଚ ଇତିଶ୍ରୀ ସାହୁ, ପଶୁ /ପକ୍ଷୀ ପାଳକ ବାମଦେବ କର୍ମୀ, ରମାକାନ୍ତ ରଣା, ଅର୍ଜ୍ଜୁନ ଭୋଇ, କମଳ ଲୋଚନ କର୍ମୀ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ କରାଟେ୍: କଳାହାଣ୍ଡିକୁ ୩ ସ୍ୱର୍ଣ୍ଣ

**ଭବାନୀପାଟଣା,୧୫।୬(ସ୍ୱ.ପ୍ର.)**

ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ କରାଟେ ଚାମ୍ପିୟନଶିପରେ କଳାହାଣ୍ଡିକୁ ୩ଟି ସ୍ୱର୍ଣ୍ଣ ପଦକ ମିଳିଛି। ଏଥିରେ ୩୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ ଭାଗ ନେଇଥିଲେ। ସେଥିରୁ କଳାହାଣ୍ଡିର କ୍ରୀଡ଼ାବିତ୍‌ମାନେ ମୋଟ ୬ଟି ପଦକ ହାସଲ କରିଛନ୍ତି। ଭୁବନେଶ୍ୱରରେ ଓଡ଼ିଶା ଉଷୁ ସଂଘ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କରାଟେ ଚାମ୍ପିୟନଶିପରେ ଉପ କନିଷ୍ଠ, କନିଷ୍ଠ ଓ ବରିଷ୍ଠ ବର୍ଗର କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ। କଳାହାଣ୍ଡିର ମୁଖ୍ୟ ଉଷୁ କୋଚ କୃଷ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ କ୍ରୀଡ଼ାବିତ୍‌ମାନେ ଭାଗ ନେଇଥିଲେ। ମୋଟ ୭ଜଣ ଭାଗ ନେଇଥିବା ବେଳେ ୬ଜଣ ପଦକ ହାସଲ କରିଛନ୍ତି। ବରିଷ୍ଠ ବର୍ଗରେ ବୈଭବ ସାହୁ ଏବଂ କନିଷ୍ଠ ବର୍ଗରେ ପାର୍ଥ ସାରଥୀ ରାଉତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଉପକନିଷ୍ଠ ବର୍ଗରେ ଲୋକେଶ ରଞ୍ଜନ ନିଆଲ ସ୍ୱର୍ଣ୍ଣ, ପ୍ରତ୍ୟୁଷ ମୁଣ୍ଡ ଓ ଆର୍ ଶ୍ରୀୟାଂଷ ଆଚାର୍ଯ୍ୟ କାଂସ୍ୟ ପଦକ ହାସଲ କରିଛନ୍ତି। ଉପକନିଷ୍ଠ ବାଳିକାବର୍ଗରେ ଆର ତେଜସ୍ୱନୀ କାଂସ୍ୟ ପଦକ ହାସଲ କରିଛନ୍ତି। କୃତୀ କ୍ରୀଡ଼ାବିତ୍‌ମାନେ ହିମାଚଳ ପ୍ରଦେଶରେ ହେବାକୁ ଥିବା ଜାତୀୟ କରାଟେ ଚାମ୍ପିୟନଶିପ୍‌ରେ ଭାଗ ନେବେ।

# କ୍ରିକେଟ ଟୁର୍ନାମେଣ୍ଟ: ଲଡୁଗାଁ ଚାମ୍ପିୟନ



ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

**କୋକସରା,୧୫।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ଅପେରା ପଡିଆରେ ଗତ ୨୯ ତାରିଖରୁ ଚାଲିଥିବା ଏଲ.ବି.ସି.ସି ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଲଡୁଗାଁ ବନ୍ଧପଡ଼ା ଦଳ ଓ ଭୂର୍ଷିଗୁଡ଼ା ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ଲଡୁଗାଁ ଚାମ୍ପିୟନ ହୋଇଛି। ଲଡୁଗାଁ ପ୍ରଥମେ ଟସ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୧୮୧ ରନ କରିଥିଲା। ଭୂର୍ଷିଗୁଡ଼ା ୬ ଉଇକେଟ ହରାଇ ୧୨୫ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବର ମୁଖ୍ୟଅତିଥି ଭାବେ ଲଡୁଗାଁ ସରପଞ୍ଚ ନକୁଲ ନାଏକ, ସମ୍ମାନିତ ଅତିଥି ରତ୍ନାକର ଚଣ୍ଡୀ, ଉମେଶ ସାହୁ, ଜିତେନ୍ଦ୍ର ନାରାୟଣ ଦାସ, ଶ୍ରୀକାନ୍ତ ଶର୍ମା, ଭାରତ ଭୂଷଣ ଠାକୁର, ସୁଧୀର ନାଗ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଲଡୁଗାଁର ବିରେନ ରାଉତ ଶ୍ରେଷ୍ଠ ଖେଳାଳି ଓ ସୌରଭ ଦାସ ଶ୍ରେଷ୍ଠ ଖେଳାଳି ମନୋନୀତ ହୋଇଛନ୍ତି। ଲଡୁଗାଁ ବନ୍ଧପଡ଼ା ଦଳକୁ ଚାମ୍ପିୟନ ଟ୍ରଫି ସହ ନଗଦ ୯ ହଜାର ଟଙ୍କା ପ୍ରଦାନ ଓ ଭୂର୍ଷିଗୁଡା ରନର୍ସଅପ ଦଳକୁ ନଗଦ ୬ ହାଜର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଆଲୋକ ରଞ୍ଜନ ଦାସ ଓ ପଙ୍କଜ ଦାସ ମ୍ୟାଚ ପରିଚାଳନା କରିଥିଲେ। ଖେଳ ଧାରା ବିବରଣୀ ବିଭୂତି ପାଣିଗ୍ରାହୀ, ବାବୁଲି ଦାସ ଓ ଆଦିତ୍ୟ ଦାସ ପ୍ରଦାନ କରିଥିଲେ। ସ୍କୋର ବୋର୍ଡରେ ବ୍ରଜେନ୍ଦ୍ର ଦାସ ଦାୟିତ୍ୱ ତୁଲାଇ ଥିବା ବେଳେ ଅନ୍ୟ ଯୁବ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ।

# ମାଟି କାରୁକାର୍ଯ୍ୟକୁ ଶିଳ୍ପ ମାନ୍ୟତା ଦିଅ

## କୁରାଳ ସମାଜର ସାଙ୍ଗଠନିକ ବୈଠକ

**କର୍ଲାମୁଣ୍ଡା,୧୫।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କୁରାଳ ସମାଜର ସାଙ୍ଗଠନିକ ବୈଠକ ତେରେସିଂହାସ୍ଥିତ ପିରବତୀ ମହିଳା ଉଚ୍ଚ ବିଦ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ରୋହିତ କୁମାର ରଣାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲା ସଭାପତି କେଦାରନାଥ ରଣା, ସମ୍ମାନିତ ଅତିଥି ଭାବେ ସମ୍ପାଦକ ବିର କିଶୋର ରଣା, ନର୍ଲା ବ୍ଲକ ସଭାପତି ଗଙ୍ଗାଧର ରଣା, କର୍ଲାମୁଣ୍ଡା ବ୍ଲକ ଉପସଭାପତି ମୁରଲୀଧର ରଣା, ମୋହନ ରଣା, ଉପଦେଷ୍ଟା ନନ୍ଦକିଶୋର ରଣା, ରିଷିଡା ପଞ୍ଚାୟତ ସଭାପତି ଦିଲୀପ କୁମାର ରଣା, ନନ୍ଦ କିଶୋର ରଣା (ଖ), ଦେବରାଜ ରଣା, ଗୋପୀନାଥ ରଣା, ହରିହର ରଣା ପ୍ରମୁଖ ଯୋଗଦେଇଥିଲେ। ମାଟି କାରୁକାର୍ଯ୍ୟକୁ ଶିଳ୍ପର ମାନ୍ୟତା ଓ ମାଟି କାରିଗରଙ୍କୁ ଶିଳ୍ପୀର ମାନ୍ୟତା, ମାଟିକଳା ବୋର୍ଡ ଗଠନ, କୁମ୍ଭାରବସ୍ତି ନିକଟରେ ମାଗଣାରେ ମାଟି ପାଇଁ ଜମି ଯୋଗାଇବାକୁ ଦାବି କରାଯାଇଥିଲା। ଏହି ଅବସରରେ କୁରାଳ ସମାଜର ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ରିଷିଡା ସରପଞ୍ଚ ସେବତୀ ରଣା, ରାଜପୁର ସରପଞ୍ଚ କୌଶଲ୍ୟା ରଣା, ମାଟି ମୂର୍ତ୍ତିକାର ସଞ୍ଜୟ ରଣା, ଯୁବ କବି ସୁଶାନ୍ତ ରଣା, ବ୍ଲକର ପ୍ରଥମ ମହିଳା ଆଇନ ସ୍ନାତକ ସୁଶ୍ରୀ ରଶ୍ମିତା ରଣା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦେବେନ୍ଦ୍ର ରଣା ମଞ୍ଚ ପରିଚାଳନା କରିଥିବା ବେଳେ ଉପସଭାପତି ମୁରଲୀଧର ରଣା ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ଯୋଗଦେଇଥିବା କୁରାଳ ସମାଜର କର୍ମକର୍ତ୍ତା।

# ସରକାରୀ ସ୍କୁଲରୁ କମ୍ପ୍ୟୁଟର ଚୋରି

**ଜୁନାଗଡ଼,୧୫।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରୁ ୩ଟି କମ୍ପ୍ୟୁଟର ଚୋରି ହୋଇଯାଇଛି। ସୋମବାର ବିଳମ୍ବିତ ରାତିରେ ଇ ଲାଇବ୍ରେରି ରୁମରୁ ଦୁର୍ବୃତ୍ତ ତାଲା ଭାଙ୍ଗି ଚୋରି କରି ନେଇଛନ୍ତି। ମଙ୍ଗଳବାର ସକାଳେ ସ୍କୁଲ ପ୍ରଧାନଶିକ୍ଷକ ନେପାଳ ଚନ୍ଦ୍ର ବାଗ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ବିଦ୍ୟାଳୟରେ ଦୀର୍ଘ ବର୍ଷ ହେଲା ରାତ୍ରି ଜଗୁଆଳି ନ ଥିବାରୁ ସ୍କୁଲ ଗୃହ ଅସୁରକ୍ଷିତ ହୋଇପଡିଛି। ବର୍ତ୍ତମାନ ଏହି ବିଦ୍ୟାଳୟ ରୂପାନ୍ତରିକରଣ ହୋଇଥିବା ବେଳେ ଅନେକ ମୂଲ୍ୟବାନ ଜିନିଷ ରହିଥିବାରୁ ତୁରନ୍ତ ରାତ୍ରି ଜଗୁଆଳି ନିଯୁକ୍ତି ପାଇଁ ପୁରାତନ ଛାତ୍ର ସଂସଦ ସଭାପତି ସନ୍ତୋଷ ସିଂଦେଓ ଦାବି କରିଛନ୍ତି।

# ହାଇଦ୍ରାବାଦରେ ମହିଳା ଦାଦନ ଶ୍ରମିକ ମୃତ

**କୋକସରା,୧୫।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା କନ୍ଦାବୁଟୁରା ଗ୍ରାମର ମହିଳା ଦାଦନ ପୂର୍ଣ୍ଣମୀ ଛତ୍ରିଆଙ୍କ ହାଇଦ୍ରାବାଦରେ ମଙ୍ଗଳବାର ମୃତ୍ୟୁ ଘଟିଛି। ମୃତ୍ୟୁ ଖବର ପାଇବା ପରେ ଗାଁରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁସାରେ, ୫ ମାସ ତଳେ କନ୍ଦାବୁଟୁରା ଗ୍ରାମର ହେମ ଛତ୍ରିଆ ଓ ତାଙ୍କ ସ୍ତ୍ରୀ ପୂର୍ଣ୍ଣମୀ ଛତ୍ରିଆ ହାଇଦ୍ରାବାଦକୁ ଦାଦନ ଖଟିବାକୁ ଯାଇଥିଲେ। ହଠାତ୍ ତାଙ୍କ ସ୍ତ୍ରୀ ପୂର୍ଣ୍ଣମୀଙ୍କ ଦେହ ଅସୁସ୍ଥ ହୋଇପଡ଼ିଥିଲା। ତାଙ୍କୁ ସୋମବାର ସ୍ଥାନୀୟ ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେ ଟିକେ ସୁସ୍ଥ ହେବା ପରେ ନିଜ କାମ କରିବା ସ୍ଥାନକୁ ଫେରିଥିଲେ। ପୁଣି ରାତିରେ ହଠାତ୍ ପେଟ ଯନ୍ତ୍ରଣାରେ ସେ ପ୍ରାଣ ହରାଇଥିବା ଜଣାପଡିଛି। ସେମାନେ ଗରିବ ଲୋକ ହୋଇ ଥିବାରୁ ଗାଁକୁ ମୃତଦେହ ଆଣି ପାରି ନ ଥିଲେ। ବୁଧବାର ତାଙ୍କ ମୃତଶରୀର ନିଜେ କାମ କରୁଥିବା ସ୍ଥାନରେ ସତ୍କାର କରାଯାଇଥିବା ଜଣାପଡିଛି।


ମୃତାଙ୍କଙ୍କ ଫାଇଲ ଫଟୋ।

# ଓଲଟିଲା ଧାନ ବୋଝେଇ ଟ୍ରକ୍

**ବିନିକା,୧୫।୬(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିଶାଳପାଲି-ଗୋଡଭଙ୍ଗା ମୁଖ୍ୟରାସ୍ତାର ବିଶାଳପାଲି ଆମ୍ବ ବଗିଚା ନିକଟ ବୁଲାଣି ଠାରେ ବୁଧବାର ଅପରାହ୍ନ ପ୍ରାୟ ୨ଟାରେ ଏକ ଧାନ ବୋଝେଇ ଟ୍ରକ ଓଲଟି ପଡିଛି। ଦୁର୍ଘଟଣାରେ ଟ୍ରକ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ଡୁଙ୍ଗୁରୀପାଲି ପଟରୁ ବିନିକା ବିଶାଳପାଲି ଛକ ଦେଇ ଓଡି ୧୫ଇ-୪୮୧୧ ନଂ ଧାନ ବୋଝେଇ ଟ୍ରକ ଗୋଡଭଙ୍ଗା ଅଭିମୁଖେ ଯାଉଥିବା ସମୟରେ କୌଣସି କାରଣରୁ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ଆହତ ଡ୍ରାଇଭର ହେଲେ ଅନୁଗୁଳ ଜିଲା ତାପୁରସିଙ୍ଗା ଗାଁର କ୍ଷେତ୍ର ମୋହନ ପ୍ରଧାନ(୪୧) । ତାଙ୍କୁ ବିନିକା ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ବିନିକା ଥାନାରେ ମାମଲା ରୁଜୁ ହୋଇଛି ।


ଦୁର୍ଘଟଣାଗ୍ରସ୍ତ ଟ୍ରକ।

# ମୁଖ୍ୟମନ୍ତ୍ରୀ ସଡ଼କ ନିର୍ମାଣରେ ଅନିୟମିତତା

**ଗୋଲାମୁଣ୍ଡା,୧୫।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ନିର୍ବାଚନ ମଣ୍ଡଳୀ ସହ ଧର୍ମଗଡ ନିର୍ବାଚନ ମଣ୍ଡଳୀକୁ ଯୋଡିବା ପାଇଁ ରାଜ୍ୟ ସରକାର ଗୋଲାମୁଣ୍ଡା ବ୍ଲକ ପଣ୍ଡକୁଲ-ତମ୍ପାଛଡା ତେଲ ନଦୀରେ ଏକ ପୋଲ ନିର୍ମାଣ ସାଙ୍ଗକୁ ସିଧାସଳଖ ଧର୍ମଗଡ ମହକୁମାକୁ ସଂଯୋଗ ଲାଗି ଫରଙ୍ଗ-ଧର୍ମଗଡ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରିଛନ୍ତି। ଏବେ ୧୪ କି.ମି. ରାସ୍ତା ନିର୍ମାଣ ଚାଲିଛି। ଧର୍ମଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ନିର୍ମାଣାଧୀନ ଏହି ରାସ୍ତା ଜଣେ ସତନ୍ତ୍ର ଠିକାଦାର କାମ କରୁଥିବା ବେଳେ ୩୩୬.୩୧ ଲକ୍ଷ ବ୍ୟୟ ଅଟକଳ ରହିଛି। ଏହି ରାସ୍ତାରେ ୫ କି.ମି. ୯୦୦ ମିଟର ପିଚୁ ୧୦୦ ମିଟର କଂକ୍ରିଟ ରାସ୍ତା, ୭ଟି ପୋଲ ମରାମତି ୫ ବର୍ଷ ସମୟ ସୀମା ରହିଛି। ବର୍ତ୍ତମାନ ରାସ୍ତା ନିର୍ମାଣ ଚାଲିଥିବା ବେଳେ ପ୍ରାୟ ସମୟରେ ଅଧିକାରୀଙ୍କ ଅନୁପସ୍ଥିତି ଦେଖିବାକୁ ମିଳିଛି। ଫଳସ୍ୱରୂପ ରାସ୍ତାର କାମ ଠିକ ହେଉ ତ ଥିବା ବେଳେ ନିମ୍ନମାନର ପିଚୁ ବ୍ୟବହାର କରାଯାଉଛି। ଆଗକୁ ବର୍ଷା ଋତୁରେ ଏଭଳି ପିଚୁ କାମ ଯୋଗୁ ବର୍ଷା ପାଣିରେ ରାସ୍ତା ଦବିଯିବା ସମ୍ଭାବନା ରହିଛି। ଏହି ରାସ୍ତା ଦେଇ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଫୁଣ୍ଡା, ଫରଙ୍ଗ, ଦଶପୁର, କୁମ୍ଭାରି, ପଣ୍ଡକୁଲ, ସମେତ ଧର୍ମଗଡ ବ୍ଲକ ତମ୍ପାଛଡା, ତେଲିପଲାସ, ମେରଘରା ଆଦି ଅଞ୍ଚଳର ଛାତ୍ରୀଛାତ୍ର ସ୍କୁଲ ଓ କଲେଜକୁ ଯାତାୟାତ କରିଥାନ୍ତି। ଏପରିକି ବିଭିନ୍ନ ସରକାରୀ କାମ ପାଇଁ ନିୟମିତ ଯିବାଆସିବା କରନ୍ତି। ଏଭଳି ରାସ୍ତା କାମ ଯଦି ନିର୍ମାଣ ହୁଏ ତାହେଲେ ଅଞ୍ଚଳବାସୀଙ୍କ ଦୀର୍ଘ ଦିନର ସମସ୍ୟା ସମାଧାନ ପରିବର୍ତ୍ତେ ସମସ୍ୟା ଯଥା ପୂର୍ବ ତଥା ପରମ ହେବ। ଏହାର ଉଚ୍ଚପଦସ୍ଥ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ନିମ୍ନମାନର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ପୁଣି ଥରେ କାମ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଶୁଭେନ୍ଦୁ ସୁଦାରଙ୍କୁ ପଚାରିବାରୁ ମୁଁ ରଜ ଛୁଟିରେ ଘରକୁ ଆସିଛି। ବିଭାଗର ଜଣେ ଲୋକଙ୍କୁ ପଠାଇ କାମ ତଦାରଖ କରିବି ବୋଲି ମତ ପ୍ରକାଶ କରିଛନ୍ତି।


ନିର୍ମାଣାଧୀନ ମୁଖ୍ୟମନ୍ତ୍ରୀ ସଡ଼କ।

## ଉଠା ଦୋକାନୀଙ୍କ ସମସ୍ୟାକୁ ନେଇ ଆଲୋଚନା

**ବଲାଙ୍ଗୀର ଅଫିସ:** ସ୍ଥାନୀୟ ଯାଦବ ଭବନରେ ବଲାଙ୍ଗୀର ସହରର ଉଠାଦୋକାନୀଙ୍କ ସମସ୍ୟାକୁ ନେଇ ଆଲୋଚନା ହୋଇଥିଲା। ସେମାନଙ୍କ ଥଇଥାନ ଉପରେ ପ୍ରଶାସନ ସହ ଆଲୋଚନା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଜିଲାପାଳ ଏବଂ ପୌରାଧକ୍ଷାକୁ ଭେଟି ଉଠାଦୋକାନୀଙ୍କ ସମସ୍ୟା ଅବଗତ କରିବା ଏବଂ ସମାଧାନ ଦିଗରେ ଆଲୋଚନା ହୋଇଥିଲା। ନୂତନ ଉଠାଦୋକାନୀ ମହାସଂଘ ସଭାପତିଭାବେ ଶମ୍ଭୁ ନାଗଙ୍କୁ ମନୋନୀତ କରାଯାଇଥିଲା। ସୋମନାଥ ମିଶ୍ର, ସୁଦାମ ସାହୁ, ହରେକୃଷ୍ଣ ମହାନନ୍ଦ, ତରୁଣ ବାଗ, ରାମଚନ୍ଦ୍ର ମୁର୍ମୁ, ଯୁଧିଷ୍ଠିର ଗୁରୁହାଣ୍ଡି, ସୁବାସ ଶର୍ମା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିନା ଓଜନରେ ବିକ୍ରି ହେଉଛି ରନ୍ଧନ ଗ୍ୟାସ୍ ସିଲିଣ୍ଡର

**ଲାଠୋର,୧୫।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ବିନା ଓଜନରେ ରନ୍ଧନ ଗ୍ୟାସ ବିକ୍ରୟ ହେଉଛି। ବିଭିନ୍ନ ସମୟରେ ଏହିଭଳି ଅଭିଯୋଗ ହୋଇ ଆସୁଥିଲେ ହେଁ ଯୋଗାଣ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବା ଉପଭୋକ୍ତାମାନେ କହିଛନ୍ତି। ବିଶେଷ କରି ଏଠାରେ ଇଣ୍ଡେନ ଗ୍ୟାସ ବିକ୍ରି ହେଉଛି। ସରକାରୀ ନିୟମ ଅନୁଯାୟୀ ଯେଉଁ ଏଜେନ୍ସି ଏବଂ ଦୋକାନୀ ରନ୍ଧନ ଗ୍ୟାସ ବିକ୍ରି କରୁଛନ୍ତି ସେମାନେ ସିଲିଣ୍ଡର ସିଲ୍ ହୋଇଛି କି ନାହିଁ, ଓଜନ ଠିକ ଅଛି କି ନାହିଁ ଭଲଭାବେ ଚେକ୍ କରି ବିକ୍ରୟ କରିବା କଥା। ହେଲେ ଏଜେନ୍ସି ଏବଂ ଦୋକାନିମାନେ ଉପଭୋକ୍ତାଙ୍କଠାରୁ ରନ୍ଧନ ଗ୍ୟାସ ସିଲିଣ୍ଡର ପିଛା ୧୦୭୦ ଟଙ୍କା ନେଉଥିଲେ ହେଁ ଓଜନ କରି ଦେଉନାହାନ୍ତି। ଅପରପକ୍ଷେ କେତେକ ଦୋକାନ ଓ ହୋଟେଲରେ ଘରୋଇ ଗ୍ଯାସ ସିଲିଣ୍ଡର ବ୍ୟବହାର ହେଉଥିବା ଅଭିଯୋଗ ହେଉଛି। ଯଥାଶୀଘ୍ର ଏଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଖପ୍ରାଖୋଲ ଯୋଗାଣ ନିରୀକ୍ଷକ ବିକାଶ ବାର୍ଲା କହିଛନ୍ତି।

### ହରିଶଙ୍କରରେ ମାରପିଟ ଘଟଣା: ୬ଗିରଫ

**ଖପ୍ରାଖୋଲ,୧୫।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପର୍ଯ୍ୟଟନସ୍ଥଳୀ ହରିଶଙ୍କର ଝରଣା କୂଳରେ ହୋଇଥିବା ମାରପିଟ୍ ଘଟଣାରେ ବୁଧବାର ଉଭୟ ପକ୍ଷରୁ ୬ଜଣଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ କଣ୍ଟାବାଞ୍ଜିର ଧିରଜ ଗୁପ୍ତା(୨୭), ଅଭିଶେକ ପୁରୋହିତ (୨୭), ବିନୟ ଯଶଓାନି(୨୭), ହରିଶଙ୍କରର ବିଶ୍ୱ ପଧାନି(୩୧), ମଣ୍ଟୁ ପଧାନୀ(୨୧) ଓ କୃଷ୍ଣ ଛତ୍ରିଆ(୪୦)। ମଙ୍ଗଳବାର କଣ୍ଟାବାଞ୍ଜିର ୧୨ଯୁବକ ଝରଣା କୂଳରେ ମଦ ପିଉଥିବା ବେଳେ କେତେକ ବିରୋଧ କରିଥିଲେ। ଏ ନେଇ ଖବର ପାଇ ମନ୍ଦିରର ପିଅନ ମୁନିରାମ ଭୁଏ ଓ ଡାକ୍ତର ପଧାନୀ ଯୁବକମାନଙ୍କୁ ସର୍ବ ସାଧାରଣରେ ମଦ ନ ପିଇବାକୁ କହିବାରୁ ସେମାନେ ଉଭୟ ମନ୍ଦିର କର୍ମଚାରୀଙ୍କୁ ମାଡ ମାରିଥିଲେ। ଏହା ପରେ ସ୍ଥାନୀୟ ଲୋକେ ଏବଂ ସମ୍ପୃକ୍ତ ଯୁବକମାନଙ୍କ ମଧ୍ୟରେ ବଚସା ଏବଂ ମାରପିଟ ହୋଇଥିଲା । ଖପ୍ରାଖୋଲ ପୋଲିସ୍ ଉଭୟ ପକ୍ଷର ୧୦ ଜଣଙ୍କୁ ଥାନାରେ ଅଟକ ରଖିଥିଲା । ୧୧ ଜଣଙ୍କୁ ଚିକିତ୍ସା ପାଇଁ ରେଫର କରାଯାଇଥିଲା। ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁଙ୍କୁ ପଚାରିବାରୁ ଉଭୟ ପକ୍ଷଙ୍କ ଅଭିଯୋଗ ଅନୁସାରେ ଥାନାରେ ଦୁଇଟି ପୃଥକ ମାମଲା(୭୬ ଏବଂ ୭୭)ରୁଜୁ ହୋଇଛି।

### ବିଦ୍ୟୁତ କର୍ମଚାରୀଙ୍କ ବିୟୋଗରେ ଶୋକ

**ପାଇକମାଳ,୧୫।୬(ଡି.ଏନ.ଏ):** ବରଗଡ଼ ଜିଲା ପାଇକମାଳ ବିଦ୍ୟୁତ୍ ଷ୍ଟେଶନର କର୍ମଚାରୀ ଧର୍ମୁ ରଣାଙ୍କ ପରଲୋକରେ ବୁଧବାର ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଶୋକସଭାରେ ବଡ଼ ଶତପଥି, ସୁଧାକର ଗଡ଼ତିଆ, ଶଶାଙ୍କ ସାହୁ, ସୁଶାନ୍ତ ରଣା ପ୍ରମୁଖ ଉପସ୍ଥିତ ରହି ତାଙ୍କ ସ୍ମୃତିଚାରଣ କରିଥିଲେ । ଧର୍ମୁ ଅସୁସ୍ଥ ଥିଲେ। ବୁଧବାର ସକାଳେ ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା ।

### ପୋଲ ନିର୍ମାଣ ଦାବିକଲେ ମୁନିଗୁଡ଼ାବାସୀ

**ପଲମ,୧୫।୬(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ବାଲସିଙ୍ଗା ପଞ୍ଚାୟତସ୍ଥିତ ତେର୍ଲୋ ଗ୍ରାମଠାରୁ ମୁନିଗୁଡା ପଡାକୁ ସଂଯୋଗ କରୁଥିବା ରାସ୍ତା ସ୍ଥାନୀୟ ଲୋକଙ୍କ ଶିକ୍ଷା, ସ୍ୱାସ୍ଥ୍ୟର ଗମନାଗମନ ପାଇଁ ଜଡିତ। ଏହି ରାସ୍ତା ମଝିରେ ଥିବା ନାଳରେ ପୋଲ ନିର୍ମାଣ ପାଇଁ ଅନେକ ଥର ପ୍ରଶାସନ ନିକଟରେ ଦାବି କରାଯାଇଛି। କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ଫଳ ମିଳିନାହିଁ। ତେର୍ଲୋ ଗ୍ରାମଠାରୁ ମିନିଗୁଡାପଡା ପର୍ଯ୍ୟନ୍ତ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅନୁଦାନ ପଞ୍ଚମ ରାଜ୍ୟ ଅର୍ଥ କମିଶନ ପକ୍ଷରୁ ୧୨,୫୧,୩୦୪ ଟଙ୍କାରେ ରାସ୍ତାର ଉନ୍ନତିକରଣ ପାଇଁ ବ୍ୟୟବରାଦ ହୋଇଛି। ଆଜି ପର୍ଯ୍ୟନ୍ତ ନିମ୍ନମାନର ମୁରୁମ ଓ ମାଟି ପଡିରହିଛି। ଏ ନେଇ ମୁନିଗୁଡାପଡାବାସୀ କଳାହାଣ୍ଡି ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମୁନିଗୁଡାପଡା ୧୧ ନଂ. ବାସିନ୍ଦା ଦିନ ମାଝି, ଲକ୍ଷ୍ମଣ ମାଝି, ଧର୍ମାନନ୍ଦ ସା, କୁମୁଦ ନାଏକ, ବିଶାଖା ମାଝି, ତରୁଣି ମାଝି ପ୍ରମୁଖ ନାଳରେ ପୋଲ ନିର୍ମାଣ କରିବାକୁ ଦାବି କରିଛନ୍ତି। ଏହି ବିଷୟରେ ବିଭାଗୀୟ ଅଧିକାରୀଙ୍କୁ ପଚାରିଲେ କୌଣସି ଉତ୍ତର ଦେଉନାହାନ୍ତି।

# ମାଛ ମାରିବାକୁ ଚାଲିଛି ବ୍ଲାଷ୍ଟିଂ

**ବିନିକା,୧୫।୬(ଡି.ଏନ୍.ଏ.)**

- ଜୀରା ନଦୀ ପାଲଟିଛି ମାଛ ବେପାରୀଙ୍କ ଚରାଭୂଇଁ
- ଶତାଧିକ କୈବର୍ତ୍ତ ପରିବାରଙ୍କ ଜୀବନ ଜୀବିକା ପ୍ରଭାବିତ
- ଦିନ ରାତି ଚାଲିଛି ବ୍ଲାଷ୍ଟିଂ
- ବିଲୁପ୍ତ ହେବାରେ ଲାଗିଛି ଜଳଚର ଜୀବ



- ପ୍ରଦୂଷିତ ନଦୀ ପାଣି, ପ୍ରଶାସନ ନୀରବଦ୍ରଷ୍ଟା

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳ ଦେଇ ପ୍ରବାହିତ ଜୀରା ନଦୀରେ ଅବାଧରେ ବ୍ଲାଷ୍ଟିଂ କରାଯାଇ କୁଇଣ୍ଟାଲ କୁଇଣ୍ଟାଲ ମାଛ ମରାଯାଉଛି। ସହଜରେ ମାଛ ମାରିବା ପାଇଁ କେତେକ ମାଛ ବେପାରୀ ଏଭଳି ପନ୍ଥା ଆପଣେଇ ନେଇଛନ୍ତି। ଏହାଫଳରେ ଜଳଚର ଜୀବ ବିଲୁପ୍ତ ହେବାରେ ଲାଗିଥିବା ବେଳେ ନଦୀ ପାଣି ପ୍ରଦୂଷିତ ହେବାରେ ଲାଗିଛି। ଅପରପକ୍ଷରେ ମାଛ ମାରି ଜୀବିକା ନିର୍ବାହ କରୁଥିବା ଶତାଧିକ କେଉଟ ପରିବାରଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ସେମାନେ ପୂର୍ବପରି ମାଛ ମାରି ନିଜର ଗୁଜରାଣ ମେଣ୍ଟାଇବା ଏବେ କଷ୍ଟକର ହୋଇପଡିଛି।

ବିନିକା ବ୍ଲକ ବାଙ୍କିଗିର୍ଡି ଗ୍ରାପର ସାରଙ୍ଗପାଲି, ହୁଡୁମା ଓ ଅରିଗାଁ ତଟବର୍ତ୍ତୀ ଦେଇ ପ୍ରବାହିତ ଜୀରାନଦୀ ଅରିଗାଁ ଠାରେ ମହାନଦୀରେ ମିଶିଛି।ଚ ଏହି ନଦୀରେ ମୁଖ୍ୟତଃ ରୋହି,ଭାକୁର, କୁସୁରା,ବାଳିଆ,ସିଂହାର, କଳାଚିଆଁ, ସେରନା, କଳାଚି, ଭାଙ୍ଗେନ ପ୍ରଭୃତି ମାଛ ଅଧିକ ପରିମାଣରେ ଦେଖିବାକୁ ମିଳିଥାଏ। ମାତ୍ର ୩ ବର୍ଷ ହେଲା ପ୍ରଶାସନିକ ଅବହେଳା ଯୋଗୁ ସାରଙ୍ଗପାଲି –ଅରିଗାଁ ମଧ୍ୟବର୍ତ୍ତୀ ସାରଙ୍ଗପାଲି ପିଲାଖାଇ ଜୀରାନଦୀ ଘାଟ, ଆଖିଦାଦର ଡୁଷୁଙ୍ଗା ଘାଟ,ତେତଲିଆ ଘାଟ ଏବଂ ଅରିଗାଁ ଗଣ୍ଡରେ ଚାଲିଛି ମନଇଚ୍ଛା ବ୍ଲାଷ୍ଟିଂ। ଉପରୋକ୍ତ ଘାଟଗୁଡିକରେ ବ୍ଲାଷ୍ଟିଂ ହେଉଥିବାରୁ କେଉଟମାନେ ଜାଲରେ ମାଛ ଧରିବା ପାଇଁ ଯିବାକୁ ଭୟ କରୁଛନ୍ତି। ଫଳରେ ଘାଟଗୁଡିକ ସର୍ବଦା ଜନଶୂନ୍ୟ ରହିବା ଦେଖିବାକୁ ମିଳୁଛି। ଯାହାର ଫାଇଦା ଉଠାଉଛନ୍ତି ମାଛ ବେପାରୀ। ପ୍ରତିଦିନ ସକାଳ ୬ରୁ ଅପରାହ୍ନ ୨ଟା ଯାଏ ଏବଂ ବିଳମ୍ବିତ ରାତିରେ ନିର୍ବିଘ୍ନରେ ବ୍ଲାଷ୍ଟିଂ ଚାଲିଥିଲେ ହେଁ ପ୍ରଶାସନ ଆଖି ବୁଜି ଦେଇଛି। ବିଶେଷକରି ସୁଲେଇ,ପାପୀ, ଖଲିଆପାଲି, ମହୁଲପାଲି ଓ ପପଙ୍ଗା ଗାଁର ବେପାରୀମାନେ ଏହିଭଳି ଉପାୟରେ ମାଛ ମାରି ମାଲାମାଲ୍ ହେଉଛନ୍ତି। ବିୟର କାଚ ବୋତଲ ବିଭିନ୍ନ ବିଦେଶୀ ମଦ ଦୋକାନରୁ କ୍ରୟ କରି ତନ୍ମଧ୍ୟରେ ବାରୁଦ ଭର୍ତ୍ତି କରି ସେଥିରେ ନିଆଁ ଲଗାଇ ନଦୀକୁ ଫିଙ୍ଗୁଛନ୍ତି। ବିସ୍ଫୋରଣର ପ୍ରଭାବରେ ହଜାର ହଜାର ସଂଖ୍ୟାରେ ମାଛ ଓ ଅନ୍ୟ ଜଳଚର ଜୀବ ମରି ପାଣିରେ ଭାସୁଛନ୍ତି। ଏହାକୁ ଜାଲ ପକାଇ ସଂଗ୍ରହ କରିବା ନିତିଦିନିଆ ଘଟଣାରେ ପରିଣତ ହୋଇଛି। ପ୍ରତି ବ୍ଲାଷ୍ଟିଂରେ ୫୦କେଜିରୁ ଊର୍ଦ୍ଧ୍ୱ ବିଭିନ୍ନ କିସମର ମାଛ ମରି ଭାସୁଥିବାରୁ ବେପାରୀମାନେ ଏହାକୁ ବସ୍ତା , ପ୍ୟାକେଟ ଆଦିରେ ନେଇ ବଜାରରେ ଚଢା ଦାମରେ ବିକ୍ରି କରୁଛନ୍ତି। ଅପରପକ୍ଷରେ ପୂର୍ବରୁ ଜୀରାନଦୀର ଏହିସବୁ ଘାଟରେ ଜାଲ ପକାଇ ମାଛ ମାରି ସାରଙ୍ଗପାଲି,ହୁଡୁମା, ଟିହିଁକିପାଲି,ଖଲିଆପାଲି,ଆଖିଦାଦର, ଖଣ୍ଡହତା କୁଡାପାଲିର ୩୦୦ରୁ ଊର୍ଦ୍ଧ୍ୱ କେଉଟ ପରିବାର ନିଜ ପରିବାର ଚଳାଉଥିଲେ। ଏବେ ବ୍ଲାଷ୍ଟିଂ ଭୟରେ ଖୁବ କମ ସଂଖ୍ୟକ କେଉଟ ନଦୀ କୂଳରେ ଜାଲ ପକାଇ ମାଛ ମାରିବା ଦେଖିବାକୁ ମିଳୁଛି। ମାଛ ବେପାରୀମାନେ ବ୍ଲାଷ୍ଟିଂ କରିବା କାରଣରୁ ଏହାର କୁପ୍ରଭାବ ଜୀରାନଦୀ ସହ ମହାନଦୀ ଉପରେ ମଧ୍ୟ ପଡୁଛି। ଉଭୟ ନଦୀର ଜଳ ପ୍ରଦୂଷିତ ହୋଇ ବିଭିନ୍ନ ପ୍ରଜାତିର ଜଳଜୀବ ବିଲୁପ୍ତ ହେବାରେ ଲାଗିଛି। ସ୍ଥାନୀୟ ଅଞ୍ଚଳର କେଉଟମାନେ ମାଛ ବେପାରୀଙ୍କ ଏହି ବେଆଇନ କାର୍ଯ୍ୟକଳାପ ବିରୋଧରେ ପାଟି ଖୋଲିବାକୁ ଭୟ କରୁଛନ୍ତି। ସେହିପରି ବାଙ୍କିଗିର୍ଡି ରାଜସ୍ୱ ବିଭାଗରେ ବ୍ଲାଷ୍ଟିଂ ବିଷୟରେ ବାରମ୍ବାର ଅଭିଯୋଗ ହେବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏପରି କି କେବେ କେମିତି ବ୍ଲାଷ୍ଟିଂ କରିବା ସମୟରେ ଅସାବଧାନତା ବଶତଃ ଜୀବନହାନୀ ହେଉଛି। ମାତ୍ର ବେଆଇନ କାର୍ଯ୍ୟ ପଦାରେ ପଡିବ ବୋଲି ଘଟଣାକୁ ଚାପି ଦିଆଯାଉଛି। ଯଥାଶୀଘ୍ର ଏହାକୁ ରୋକା ନ ଗଲେ କେଉଟମାନଙ୍କ ବେଉସା ବୁଡିବା ସହ ନଦୀରୁ ମାଛ ବଂଶ ଲୋପ ପାଇବା ଆଶଙ୍କା ରହିଛି ।

ଏ ନେଇ ବିନିକା ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ କହିଛନ୍ତି, ନଦୀଗର୍ଭରେ ବିସ୍ଫୋରଣ ହେବା ଦଣ୍ଡନୀୟ ଅପରାଧ। ଏ ସମ୍ପର୍କରେ ବାଙ୍କିଗିର୍ଡି ରାଜସ୍ୱ ନିରୀକ୍ଷକଙ୍କୁ ଜଣାଇ ଏହାର ବିଧିବଦ୍ଧ ତଦନ୍ତ କରାଯିବ। ସେହିପରି ବିନିକା ଥାନାଧିକାରୀ ପବିତ୍ର ସାହୁ କହିଛନ୍ତି, ଜୀରା ନଦୀରେ ବ୍ଲାଷ୍ଟିଂ ହେଉଥିବା ନେଇ ଅଭିଯୋଗ ଆସିନାହିଁ। ତେବେ ନଦୀରେ ଏହି ବେଆଇନ କାର୍ଯ୍ୟ କିପରି ରୋକାଯିବ ସେ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଗାଁ ସାଥୀ ଆଇଡି ବନ୍ଦ କଲା ବ୍ଲକ ପ୍ରଶାସନ

**ବ୍ଲକ ପ୍ରଶାସନ ନୀରବତାକୁ ନେଇ ଅମ୍ବୁଡସମ୍ୟାନଙ୍କ ଉଦ୍‌ବେଗ**

**ଲୋଇସିଂହା,୧୫।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର ମାଗୁରବେଡା ଏବଂ ରତାଖଣ୍ଡି ପଞ୍ଚାୟତର ୨ଜଣ ଗାଁ ସାଥୀ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ନିର୍ବାଚିତ ହୋଇଛନ୍ତି। ଜଣେ ବ୍ୟକ୍ତିଙ୍କୁ ଗୋଟିଏ ପଦବୀ ଦାବିରେ କେତେକ ବ୍ୟକ୍ତି ଜିଲାପାଳଙ୍କ ନିକଟରେ ଫେରଦ ହୋଇଥିଲା। ଏହାକୁ ଆଧାର କରି ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାପରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ୨୦୧୮ ନିର୍ଦ୍ଦେଶାବଳୀ ଅନୁଯାୟୀ ଲୋଇସିଂହା ପଞ୍ଚାୟତ ସମିତି ପକ୍ଷରୁ ଗତ ଜୁନ ୯ରେ ଗାଁ ସାଥୀଙ୍କ ଆଇଡିକୁ ବନ୍ଦ କରି ଦିଆଯାଇଛି। ଏନେଇ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମାଗୁରବେଡା ପଞ୍ଚାୟତ ଅନ୍ତର୍ଗତ ପରଧିଆପାଲି ଗାଁର ଗାଁ ସାଥୀ ସଞ୍ଜୟ ଗଡତ୍ୟା ଏବଂ ରତାଖଣ୍ଡି ପଞ୍ଚାୟତ ତାଲଜୁରୀ ଗାଁର ଗାଁ ସାଥୀ ହିମାଞ୍ଚଳ ମେହେର ସରପଞ୍ଚ ନିର୍ବାଚିତ ହୋଇଛନ୍ତି। ସରପଞ୍ଚଙ୍କ ପାଖରେ ଆର୍ଥିକ କ୍ଷମତା ରହିଥିବାରୁ ପଦବୀର ଅପବ୍ୟବହାର ଆଶଙ୍କା କରି ସ୍ଥାନୀୟ କେତେକ ବ୍ୟକ୍ତି ଜିଲାପାଳଙ୍କୁ ଅଭିଯୋଗ କରିଥିଲେ । ଏହାପରେ ଏମଜିଏନଆଇରଜିଏସ ଅମ୍ବୁଡସ୍‌ମ୍ୟାନ ସଚିତା ହନୁମାନ(ଡିଆରଡିଏ) ଗତ ଜୁନ ୬ ତାରିଖରେ ଉଭୟ ପଞ୍ଚାୟତକୁ ପରିଦର୍ଶନରେ ଯାଇଥିଲେ । ମାଗୁରବେଡା ପଞ୍ଚାୟତ ଏବଂ ସରପଞ୍ଚଙ୍କ ଗାଁ ପରଧିଆପାଲି ଲୋୟର ସୁକତେଲ ବୁଡି ଅଞ୍ଚଳରେ ଥିବାରୁ ଦୀର୍ଘ ବର୍ଷ ହେଲା ଏମ୍‌ଜିଏନଆଇର୍‌ଜିଏସ କାମ ହେଉ ନ ଥିବା ଜାଣିବାକୁ ପାଇଥିଲେ। ତେଣୁ ଉକ୍ତ ଗାଁ ପାଇଁ ଗାଁ ସାଥୀର ଆବଶ୍ୟକତା ନାହିଁ ବୋଲି ତାଙ୍କ ତଦନ୍ତ ରିପୋର୍ଟରେ ଦର୍ଶାଇଛନ୍ତି। ସେହିପରି ରତାଖଣ୍ଡି ପଞ୍ଚାୟତଗସ୍ତ ବେଳେ ସରପଞ୍ଚ ହିମାଞ୍ଚଳ ମେହେରଙ୍କ ସହ ଆଲୋଚନା କରିଥିଲେ। ସରପଞ୍ଚ ନିର୍ବାଚିତ ପରେ ଏମ୍‌ଜିଏନ୍‌ଆଇରଜିଏସ୍ କାମ ତଦାରଖ କରୁ ନ ଥିବା ସେ କହିଥିଲେ। ଅନ୍ୟ ଜଣେ ମହିଳାଙ୍କୁ କାମ ତଦାରଖ ପାଇଁ ମନୋନୀତ କରାଯାଇଥିବା ସୂଚନା ଦେଇ ଅମ୍ବୁଡସମ୍ୟାନ ତାଙ୍କ ତଦନ୍ତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷେ ରିପୋର୍ଟରେ ସେ ଦର୍ଶାଇଛନ୍ତି ଯେ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ୨୦୧୮ ନିର୍ଦ୍ଦେଶାବଳୀ ଚିଠିକୁ ୨୬ ମେ ୨୦୨୧ରେ ଲୋଇସିଂହା ବ୍ଲକ ପ୍ରଶାସନଙ୍କୁ ଇମେଲ ଜରିଆରେ ଜଣାଇଥିଲେ । ହେଲେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମେଲକୁ ଗ୍ରହଣ କରି ନ ଥିଲେ କହି ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ବିଶ୍ୱ ରକ୍ତଦାତା ଦିବସରେ ସଚେତନତା ବାର୍ତ୍ତା

**ବଲାଙ୍ଗୀର ଅଫିସ,୧୫।୬**



ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ପକ୍ଷରୁ ଅନୁଷ୍ଠିତ ଶୋଭାଯାତ୍ରା।

ସ୍ଥାନୀୟ ଯାଦବ ଭବନ ପରିସରରେ ବଲାଙ୍ଗୀରର ବିଭିନ୍ନ ଅଗ୍ରଣୀ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ରକ୍ତଦାନ ଦିବସ ଅବସରରେ ସଚେତନତା ବାର୍ତ୍ତା ଦିଆଯାଇଛି। ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ରେଡକ୍ରସର କର୍ମକର୍ତ୍ତାମାନେ ଜନସାଧାରଣଙ୍କୁ ରକ୍ତଦାନ କରିବା ପାଇଁ ଉତ୍ସାହିତ କରିଥିଲେ। ଜଣେ ରକ୍ତଦାନ କଲେ ଛଅଜଣ ରୋଗୀଙ୍କ ରକ୍ତ ସମ୍ବନ୍ଧୀୟ ସମସ୍ୟାକୁ ଦୂର କରାଯାଇପାରେ।ଦିନକୁ ଦିନ ବଲାଙ୍ଗୀରରେ ରୋଗୀ ସଂଖ୍ୟା ବଢୁଥିବାବେଳେ ରକ୍ତଦାନର ଆବଶ୍ୟକତା ମଧ୍ୟ ବଢିବାରେ ଲାଗିଛି। ଜିଲା ରକ୍ତଭଣ୍ଡାରରେ ପର୍ଯ୍ୟାପ୍ତ ପରିମାଣର ରକ୍ତ ମହଜୁଦ ନ ଥିବାବେଳେ ଦୂରଦୂରାନ୍ତରୁ ଆସିଥିବା ରୋଗୀ ରକ୍ତ ଅଭାବର ଶିକାର ହେଉଛନ୍ତି । ସହରର ରୋଗୀ ମଧ୍ୟ ଏଥିରୁ ବାଦ ପଡୁନାହାନ୍ତି । ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ଜନତା ତଥା ଯୁବପିଢି ରକ୍ତଦାନ କଲେ ସମସ୍ୟାର ସମାଧାନ ହୋଇପାରିବ। ତେଣୁ ବଲାଙ୍ଗୀରର ଛାତ୍ର ଯୁବକ ଆଗେଇ ଆସି ରକ୍ତଦାନ କରି ରୋଗୀଙ୍କ ଜୀବନ ବଞ୍ଚାନ୍ତୁ ବୋଲି ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ବୁଢାଡଙ୍ଗର କଲେଜର ଅଧ୍ୟକ୍ଷ ଛବିଳ ବର୍ଗତ୍ତି, ୧୯ ନମ୍ବର ୱାର୍ଡର କାଉସିଲର ହରିଶଙ୍କର ଛତ୍ରିଆ, କବି ଅର୍ଜୁନ ସାହୁ, ଜୁନିୟର ରେଡକ୍ରସ ସାଧନ କର୍ମୀ ରାମ ନାରାୟଣ, ଦୁତିବାହନ ଚନ୍ଦନ, ଅଷ୍ଟମୀ ବର୍ଗତ୍ତି, କିଶୋର ଜାଲ, ଘାସିରାମ ଦୀପ, ଆକୁଳ ବର୍ଗତ୍ତି, ପ୍ରଶାନ୍ତ ମହାକୁର, ମାହେଶ୍ୱରୀ ଅନୁଷ୍ଠାନ, ବଲାଙ୍ଗୀର ଦିନ ଆୟୋଜନ କମିଟି, ଯାଦବ ସମାଜ ତଥା ରେଡକ୍ରସର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଓ ହସ୍‌ପିଟାଲରେ ରକ୍ତ ଭଣ୍ଡାର ପକ୍ଷରୁ ବୁଧବାର ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଥିଲା। ଏହି ଅବସରରେ ନୂତନ ରକ୍ତଦାତା ସୃଷ୍ଟି କରିବା ନିମନ୍ତେ ଏକ ସଚେତନ ଶୋଭାଯାତ୍ରା କରାଯାଇଥିଲା। ଭୀମ ଭୋଇ ମେଡିକାଲ କଲେଜ ଇନ୍‌ଚାର୍ଜ ସୁପରିଟେଣ୍ଡେଣ୍ଟ ଡ. ମୁରଲୀଧର ପାଣିଗ୍ରାହୀ ଓ ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ଡ. ପ୍ରଭାତ କୁମାର ରଥ ପତାକା ଦେଖାଇ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ସଚେତନତା ଶୋଭାଯାତ୍ରା କାର୍ଯ୍ୟକ୍ରମରେ ଏଏନ୍‌ଏମ୍ ଟ୍ରେନିଂ ପ୍ରଶିକ୍ଷାର୍ଥୀ ତଥା ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ରୀତାଞ୍ଜଳି ମିଶ୍ର, ଡ. ସୁମିତ କୁମାର ମୁଣ୍ଡ, ଯୁବ ରେଡକ୍ରସ ସଂଯୋଜକ ଡ. ଦୈତାରୀ ପୂଝାରୀ, ରେଡକ୍ରସ କର୍ମୀ ରାମ ନାରାୟଣ ଦାଶ, ମୀନକେତନ ଡାଙ୍ଗ, ଯଦୁମଣି ବର୍ଗତ୍ତି, ସୁନନ୍ଦାରାଣୀ ମହାପାତ୍ର, ରକ୍ତ ଭଣ୍ଡାର କର୍ମଚାରୀ ସାମିଲ ଥିଲେ । ପରେ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ଓ ଏଏମ୍ ଫିଟନେସ୍ କ୍ଲବ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସ୍ୱେଚ୍ଛାକୃତ ଭାବରେ ୨୭ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଏଏମ୍ ଫିଟନେସ କ୍ଲବର ରୂପକ ବରାଳ, ଶଙ୍କର କୁଏତ, ମନୀଷ ଅଗ୍ରୱାଲା, ଆର୍ତ୍ତତ୍ରାଣ ପାଢୀ, ରେଡକ୍ରସ କର୍ମୀ, ରକ୍ତଭଣ୍ଡାରର କର୍ମଚାରୀଗଣ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଲାବରୋଟାରୀ ଟେକ୍‌ନିସିଏନ୍ ନରେଶ ଚନ୍ଦ୍ର ମିଶ୍ର ପରିଚାଳନା କରିଥିଲେ।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଲେ ଡାକ୍ତର ସଦାନନ୍ଦ

**ଭବାନୀପାଟଣା,୧୫।୬(ସ୍ୱ.ପ୍ର.)**

**୩୦ ହଜାରରୁ ଊର୍ଦ୍ଧ୍ୱ ପରିବାର ନିୟୋଜନ ଅସ୍ତ୍ରୋପ୍ରଚାର**




ଡାକ୍ତର ସଦାନନ୍ଦ ପାଣିଗ୍ରାହୀ।

ଇଣ୍ଡିଆ ବୁକଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି କଳାହାଣ୍ଡି ଜିଲା ଧର୍ମଗଡ଼ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ସଦାନନ୍ଦ ପାଣିଗ୍ରାହୀ। ରାଜ୍ୟରେ ରେକର୍ଡ ସଂଖ୍ୟକ ୩୦,୦୦୯ ପରିବାର ନିୟୋଜନ ଅସ୍ତ୍ରୋପ୍ରଚାର କରି ସେ ଏହି ସଫଳତା ପାଇଛନ୍ତି। ଏହି ସଫଳତା ନେଇ ଜିଲାର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ଏହାପୂର୍ବରୁ ଡାକ୍ତର ପାଣିଗ୍ରାହୀ ବିଭିନ୍ନ ସମୟରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ସମ୍ମାନିତ ହୋଇସାରିଛନ୍ତି। ପ୍ରକାଶ ଯେ, ଡାକ୍ତର ପାଣିଗ୍ରାହୀ ଏହା ପୂର୍ବରୁ ଦିଲ୍ଲୀରେ ଥରେ, ରାଜ୍ୟରେ ୮ ଓ ଜିଲାରେ ୫ଥର ପୁରସ୍କୃତ ହୋଇସାରିଛନ୍ତି। ୨୦୧୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ତାଙ୍କୁ ସମ୍ମାନିତ କରି ପୁରସ୍କୃତ କରିସାରିଛନ୍ତି। ଦୀର୍ଘ ୨୫ ବର୍ଷ ଡାକ୍ତରୀ କାର୍ଯ୍ୟକାଳରେ ବର୍ତ୍ତମାନ ସୁଦ୍ଧା ସେ ୩୦ ହଜାର ୯ ପରିବାର ନିୟୋଜନ ଅସ୍ତ୍ରୋପ୍ରଚାର କରିସାରିଛନ୍ତି। ବର୍ତ୍ତମାନ ଡାକ୍ତର ପାଣିଗ୍ରାହୀ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାର ଅଧୀକ୍ଷକ ଭାବେ ଦାୟିତ୍ୱ ତୁଲାଇଛନ୍ତି।

## ବଜ୍ରପାତରେ ୫ ଗୋରୁ ମୃତ

**ବୌଦ୍ଧ/ବଘିଆପଡା,୧୫।୬ (ସ୍ୱ.ପ୍ର./ଡି.ଏନ.ଏ.)**



ବଜ୍ରପାତରେ ମୃତ୍ୟୁବରଣ କରିଥିବା ଗୋରୁ।

ବୁଧବାର ବୌଦ୍ଧ ଜିଲାର ବିଭିନ୍ନ ସ୍ଥାନରେ କାଳ ବୈଶାଖୀ ପ୍ରଭାବରେ ବଜ୍ରପାତ ସାଙ୍ଗକୁ ପ୍ରବଳ ବର୍ଷା ହୋଇଛି। ବଜ୍ରପାତରେ ମଙ୍ଗଳବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ବେଳେ ବୁଧବାର ୫ଟି ଗୋରୁଙ୍କ ମୃତ୍ୟୁ ଘଟିଛି। ଗୋରୁ ଚରାଳି ଜଣକ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧ ଥାନା ଅନ୍ତର୍ଗତ ବଘିଆପଡା ଫାଣ୍ଡି ବିରିଗଡ ଗ୍ରାମର ଡୁଙ୍ଗୁରିମୁଣ୍ଡା ସାହିର ଶଙ୍କର ଖଟୁଆ ଅପରାହ୍ନରେ ଗୋରୁ ଚରାଉ ଥିବା ସମୟରେ ହଠାତ ବଜ୍ରପାତ ହୋଇଥିଲା। ଫଳରେ ତାଙ୍କର ୫ ଗୋଟି ଗୋରୁଙ୍କ ବଜ୍ରପାତରେ ମୃତ୍ୟୁ ଘଟିଥିଲା। ସେ ଜଣେ ଗରିବ ଚାଷୀ ହୋଇଥିବାରୁ ତାଙ୍କୁ କ୍ଷତିପୂରଣ ଯୋଗଇ ଦେବାକୁ ଦାବି ହେଉଛି।

## ତରଭାରେ ମନ୍ତ୍ରୀ ନିରଞ୍ଜନଙ୍କୁ ବିପୁଳ ସମ୍ବର୍ଦ୍ଧନା

**ତରଭା,୧୫।୬(ଡି.ଏନ.ଏ.)**

ବୁଧବାର ଅପରାହ୍ନ ୫ଟା ସମୟରେ ତରଭା ପଞ୍ଚାୟତ ସମିତି ସଭାଗୃହରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ତରଭା ସହର ଓ ଗ୍ରାମାଞ୍ଚଳର ବୁଦ୍ଧିଜୀବୀ, ସଚେତନ ନାଗରିକ ଓ ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଉପଲକ୍ଷେ ହୋଇଥିବା ସଭାରେ ଶୈଳେନ୍ଦ୍ର ସାହୁ, ଅଶୋକ ସାହୁ, ଗଗନ ଅଗ୍ରୱାଲ, ରାମ ସାହୁ, ରାଜେନ୍ଦ୍ର ଝାଙ୍କର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ମନ୍ତ୍ରୀଙ୍କ ଦ୍ୱାରା ତରଭା ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରିବ ବୋଲି ଆଶାବ୍ୟକ୍ତ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ, ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ବେଲାର ସାହୁ, ରମେଶ ପୁଝାରୀ, ରଞ୍ଜନ ଠେଲା, ସୁବାଷ ସେଠୀ ଉପସ୍ଥିତ ଥିଲେ। ମାନଭଞ୍ଜନ ମିଶ୍ର ସଭା ପରିଚାଳନା କରିଥିଲେ।

## ସାମ୍ବାଦିକଙ୍କ ଭ୍ରାତୃ ବିୟୋଗ

**ବୌଦ୍ଧ,୧୫।୬(ସ୍ୱ.ପ୍ର.)**

ବୌଦ୍ଧର ଯୁବ ସାମ୍ବାଦିକ ଜୟନ୍ତ କୁମାର ମାଝୀଙ୍କ ଭାଇ ଶୁଭ୍ରାନ୍ତ ମାଝୀ(୩୪)ଙ୍କ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ହେବ କ୍ୟାନସର ରୋଗରେ ପୀଡିତ ଥିଲେ। ମଙ୍ଗଳବାର ଶୁଭ୍ରାନ୍ତଙ୍କ ଦେହ ଖରାପ ହେବାରୁ ତାଙ୍କୁ ଚିକିତ୍ସା ପାଇଁ କଟକ ବଡ ମେଡିକାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ତାଙ୍କ ମରଶରୀର ବୁଧବାର ଜନ୍ମ ମାଟି କୁଶଙ୍ଗ ଅଣାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କର ସ୍ତ୍ରୀ ଓ ଏକମାତ୍ର ଝିଅ ଅଛନ୍ତି ।

## ମାରୱାଡି ମହିଳା ସମିତିର ରାଜ୍ୟ ସଭାନେତ୍ରୀଙ୍କ ବୌଦ୍ଧ ଗସ୍ତ

**ବୌଦ୍ଧ,୧୫।୬(ସ୍ୱ.ପ୍ର.)**

ଓଡିଶା ପ୍ରାଦେଶିକ ମାରୱାଡି ମହିଳା ସମିତିର ରାଜ୍ୟ ସଭାନେତ୍ରୀ ଚନ୍ଦା ସନ୍ତୁକା ବୁଧବାର ଦିନିକିଆ ବୌଦ୍ଧ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ବୌଦ୍ଧ ଅଗ୍ରସେନ ଭବନଠାରେ ମାରୱାଡି ମହିଳା ସମିତିର ବୌଦ୍ଧ ଶାଖାର କର୍ମକର୍ତ୍ତା ଏବଂ ସଦସ୍ୟାମାନେ ଶ୍ରୀମତୀ ସନ୍ତୁକାଙ୍କୁ ସ୍ୱାଗତ କରିଥିଲେ। ବୌଦ୍ଧ ଶାଖା ଅଧ୍ୟକ୍ଷା ଶକୁନ୍ତଳା ଗର୍ଗଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ପାଦିକା ସୀମା ଅଗ୍ରୱାଲ ଶାଖା ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିଥିଲେ। ରାଜ୍ୟ ସଭାପତି ସନ୍ତୁକା ରାଜ୍ୟ ସଂଘର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେବା ସହ ଆଗାମୀ ଦିନରେ ବୌଦ୍ଧ ଶାଖା ପକ୍ଷରୁ ଅଧିକ ଜନହିତକର କାର୍ଯ୍ୟକ୍ରମ ହାତକୁ ନେବାକୁ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ପୁନମ ଅଗ୍ରୱାଲ, ବବିତା ଅଗ୍ରୱାଲ, ଆଶା ଅଗ୍ରୱାଲ, ସୁଲୋଚନା ଅଗ୍ରୱାଲ, ଉମା ଅଗ୍ରୱାଲ, ଜ୍ୟୋତି ଅଗ୍ରୱାଲ, ଚଞ୍ଚଳ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ଆଲୋଚନା ଅଂଶ ଗ୍ରହଣ କରିଥିଲେ।



ମାରୱାଡି ମହିଳା ସଭାନେତ୍ରୀ ଓ ଅନ୍ୟମାନେ ।

# ଭୂତକୋଠି ପାଲଟିଛି ଛାତ୍ରାବାସ

**ନୂଆପଡ଼ା ଅଫିସ,୧୫।୬**



ନିର୍ମାଣାଧୀନ ଛାତ୍ରାବାସ।

ନୂଆପଡା ଜିଲା କୋମନା ବ୍ଲକ ସୁନାବେଡା ଅଭୟାରଣ୍ୟରେ ଚକୋଟିଆ ଭୁଞ୍ଜିଆ ନାମକ ଆଦିମ ଆଦିବାସୀ ସମ୍ପ୍ରଦାୟର ଲୋକେ ବାସ କରନ୍ତି। ଏହି ସମ୍ପ୍ରଦାୟଙ୍କୁ ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗ ଦ୍ୱାରା ଏକ ସ୍ୱତନ୍ତ୍ର ଉନ୍ନୟନ ସଂସ୍ଥା ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା କାର୍ଯ୍ୟକାରୀ କରୁଛି। ଏହି ସଂସ୍ଥା ପକ୍ଷରୁ ଏଠାକାର ଛାତ୍ରୀଛାତ୍ରମାନଙ୍କୁ ଉଚ୍ଚ ଶିକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ ଅଭୟାରଣ୍ୟ ସାଲେପଡାଠାରେ ଏକ ସ୍ୱତନ୍ତ୍ର ବିଦ୍ୟାଳୟ ଖୋଲାଯାଇଥିଲା। ଯାହା ସ୍ୱତନ୍ତ୍ର ଉନ୍ନୟନ ସଂସ୍ଥା ଦ୍ୱାରା ପରିଚାଳିତ ହେଉଥିଲା। ବର୍ତ୍ତମାନ ଏହା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗକୁ ହସ୍ତାନ୍ତର କରାଯାଇଛି। ଏହା ଏକ ଆବାସିକ ବିଦ୍ୟାଳୟ ହୋଇଥିବାରୁ ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ଛାତ୍ରୀଛାତ୍ର ନିବାସ ନିର୍ମାଣ କରାଯାଇଛି। ଏହି ଛାତ୍ରୀଛାତ୍ରାବାସ ବ୍ୟବହାର ହୋଇ ନ ଥିବାରୁ ଏବେ ଭୁତକୋଠି ପାଲଟିଛି। ଏହାର କାରଣ ଉକ୍ତ କୋଠାରେ ପାନୀୟ ଜଳର ବ୍ୟବସ୍ଥା ନାହିଁ। ବିଭାଗୀୟ ଅଧିକାରୀମାନଙ୍କ କହିବା ମୁତାବକ ସେଠାରେ ନଳକୂପ ଖନନ କଲେ ମଧ୍ୟ ତାହା ସୁଫଳ ମିଳୁନାହିଁ। ଏପରିକି ନଳକୂପ ଖନନ କରାଯାଇଥିଲେ ମଧ୍ୟ ପାଣି ବାହାରୁ ନାହିଁ। ଏହାକୁ ନେଇ ସମ୍ପ୍ରତି ନୂଆପଡା ଗସ୍ତରେ ଥିବା ଯୋଜନା ଏବଂ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ସମୀକ୍ଷା ବୈଠକରେ ଉଦବେଗ ପ୍ରକାଶ କରିଥିଲେ। ବାରମ୍ବାର ପରିସରରେ ମଧ୍ୟ ନଳକୂପ ଖନନ କରି ଅର୍ଥ ଖର୍ଚ୍ଚ କରିବା ପରିବର୍ତ୍ତେ ଜନବସତିଠାରେ ନଳକୂପ ଖନନ କରି ପାଇପ ଯୋଗେ ଛାତ୍ର ନିବାସକୁ ସଂଯୋଗ କରାଗଲେ, ଉକ୍ତ ଛାତ୍ର ନିବାସ କେବେଠାରୁ କାର୍ଯ୍ୟକ୍ଷମ ହୋଇପାରନ୍ତା ଓ ସରକାରୀ ଅର୍ଥ ନଷ୍ଟ ହୋଇ ନ ଥାନ୍ତା। ଏ ନେଇ ସରକାରୀ ଅଧିକାରୀମାନେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ମନ୍ତ୍ରୀ ପ୍ରଦୀପ ଅମାତଙ୍କୁ ସମ୍ବର୍ଦ୍ଧନା

ବାଉଁଶୁଣୀ,(ଡି.ଏନ.ଏ.): ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ ରାଜ୍ୟ ମନ୍ତ୍ରୀମଣ୍ଡଳରେ କ୍ୟାବିନେଟ ମନ୍ତ୍ରୀ ଭାବରେ ସ୍ଥାନ ପାଇଛନ୍ତି। ତାଙ୍କୁ ତିନୋଟି ପ୍ରମୁଖ ବିଭାଗ ପଞ୍ଚାୟତିରାଜ ଓ ପାନୀୟଜଳ,ଜଙ୍ଗଲ ଓ ପରିବେଶ ଏବଂ ସୂଚନା ଓ ଲୋକସମ୍ପର୍କ ଦାୟିତ୍ୱ ମିଳିଛି। ମନ୍ତ୍ରୀ ହେବା ପରେ ବୁଧବାର ଅମାତ କନ୍ଧମାଳ ଗସ୍ତରେ ଆସିଥିଲେ। ଏହି ଅବସରରେ ତାଙ୍କୁ ମୁଖ୍ୟ ଛକଗୁଡିକରେ ବିଭିନ୍ନ କମିଟି ତଥା ଜନପ୍ରତିନିଧିମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ସଂକ୍ଷେପରେ

### ୩ ଦିବ୍ୟାଙ୍ଗଙ୍କୁ ମିଳିଲା ହୁଇଲ ଚେୟାର

ପଦ୍ମପୁର,୧୫।୬(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ଓ ପାଇକମାଲ ବ୍ଲକ ଅନ୍ତର୍ଗତ ଝେଙ୍କେନାଡିହୀ, ବୈତାଲଭଟା, ସମ୍ବଲପୁରୀ ଗ୍ରାମର ୩ ଦିବ୍ୟାଙ୍ଗଙ୍କୁ ବୁଧବାର ହୁଇଲ ଚେୟାର ପ୍ରଦାନ କରାଯାଇଛି। ସେମାନେ ହେଲେ ବୈତାଲଭଟା ଗ୍ରାମର ସୁଶାନ୍ତ ପଟେଲ, ସମ୍ବଲପୁରୀର ଉଜ୍ୱଳ ଭୋଇ, ଝେଙ୍କେନାଡିହୀର ଯୋଗେଶ୍ୱର ରଣା । ଏହି ଅଞ୍ଚଳର ବାସୀନ୍ଦା ତଥା ନୂଆପଡା ଡେପୁଟି ସବକଲେକ୍ଟର ମହେନ୍ଦ୍ର ବଢେଇଙ୍କ ସୌଜନ୍ୟରେ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ପ୍ରଦାନ ସମୟରେ ପାଇକମାଲ ଜିଲା ପରିଷଦ ସଭ୍ୟା ବାସନ୍ତୀ ବାଲମ, ସରେଇକେଲ ସରପଞ୍ଚ ଉପେନ୍ଦ୍ର ପଟେଲ, ସମିତି ସଭ୍ୟା ଅନିତା ସାହୁ, ଗୌନ୍ତିଆ ଲକ୍ଷ୍ମଣ ବେହେରା, ଯୋଗେଶ୍ୱର ବେହେରା, ପ୍ରକାଶ ସାହୁ, ବସନ୍ତ ପଟେଲ, ଗୋଲକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ସମସ୍ତ ଡାଇରେକ୍ଟର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ପଦ୍ମପୁର ପ୍ରାଥମିକ କୃଷି ସମବାୟ ସମିତି**

ପଦ୍ମପୁର,୧୫।୬(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ପ୍ରାଥମିକ କୃଷି ସେବା ସମବାୟ ସମିତିର ୧୨ଟି ଜୋନର ଡାଇରେକ୍ଟର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେମାନେ ହେଲେ ଜୋନ ୧ରୁ ସାଧୁ ଚରଣ ରଣା, ୨ରୁ ପ୍ରଫୁଲ୍ଲ ବେହେରା, ୩ନଂ ଜୋନ ଦିଲ୍ଲୀପ ଦାନୀ, ୪ନଂ ବାବୁଲାଲ ବାଗ, ୫ ନଂ ରବିନାରାୟଣ ଦୋରା, ୬ନଂ ଶୁକଦେବ ମେହେର, ୭ନଂ ନରସିଂହ ମେହେର, ୮ନଂ ସୂର୍ଯ୍ୟକାନ୍ତି ସାହୁ, ୯ନଂ ପ୍ରିତମ ମେହେର, ୧୦ନଂ ମିନାକ୍ଷୀ ମେହେର, ୧୧ନଂ ନୀଳମାଧବ ସାହୁ ଏବଂ ୧୨ ନଂ ଜୋନରୁ କମଳିନୀ ତ୍ରିପାଠୀ। ଆଗାମୀ ୨୬ ତାରିଖରେ ସଭାପତି ନିର୍ବାଚନ ହେବେ ବୋଲି ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

### ସିନାପାଲି ଶିବ ମନ୍ଦିର କମିଟି ଗଠିତ

ସିନାପାଲି,୧୫।୬(ଡି.ଏନ.ଏ.): ନୂଆପଡା ଜିଲା ସିନାପାଲି ସହରର ଉଦନ୍ତୀ ନଦୀକୂଳରେ ନିର୍ମାଣାଧୀନ ଶିବ ମନ୍ଦିର ପରିଚାଳନା କମିଟି ଗଠନ କରାଯାଇଛି। ପୂର୍ବତନ ବ୍ଲକ ଅଧକ୍ଷ ନୀଳମଣି ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଶିବ ମନ୍ଦିର ନିର୍ମାଣ କାର୍ଯ୍ୟ ତରାନ୍ୱିତ କରିବା ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ମନ୍ଦିର ପରିଚାଳନା କମିଟିରେ ସଭାପତି ଭାବେ ଶିକ୍ଷାବିତ୍ ଲମ୍ବୋଦର ମେହେର, ଉପସଭାପତି ବିଘ୍ନରାଜ ମେହେର, ଅରିଗଞ୍ଜନ ଯୋଷୀ, ସୁବାଷ ଅଗ୍ରୱାଲ, ସମ୍ପାଦକ ବୈଷ୍ଣବ ମେହେର, ସହସମ୍ପାଦକ ଗଣେଶ ମେହେର, ନନ୍ଦକୁମାର ପାତ୍ର, ଅମିତ ଜୈନ, ହିରାଧର ମେହେର, କୋଷାଧକ୍ଷ ସନ୍ତୋଷ ମେହେର ଓ ସଂଯୋଜକ ଭାବେ ଆଲୋକ ମେହେରଙ୍କୁ ମନୋନୀତ କରାଯାଇଛି। ବୈଠକରେ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିବା ବେଳେ ନିଳାଞ୍ଚଳ ମେହେର ଧନ୍ୟବାଦ ଦେଇଥିଲେ।

### ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଧମକ, ଥାନାରେ ମାମଲା

କନ୍ଧମାଳ,୧୫।୬(ଡି.ଏନ.ଏ.): ବୌଦ୍ଧ ଜିଲାରେ ସେବା ସମବାୟ ସମିତି ନିର୍ବାଚନ ନେଇ ରାଜନୀତି ଉଷ୍ମ ହୋଇଛି। ଆସନ୍ତା ୧୯ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ । ନିର୍ବାଚନକୁ କେନ୍ଦ୍ର କରି କନ୍ଧମାଳ ବ୍ଲକ ବିଳାସପୁର ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ହତ୍ୟା ଧମକ ଦିଆଯିବା ନେଇ ବୁଧବାର ଥାନାରେ ମାମଲା ରୁଜୁ ହୋଇଛି। ବିଳାସପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ହିମାଂଶୁ ଶେଖର ପ୍ରଧାନଙ୍କୁ ବିଳାସପୁର ସେବା ସମବାୟ ସମିତି ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି । ଉକ୍ତ ସମିତିର ନିର୍ଦ୍ଦେଶକ ପଦବୀ ଲାଗି କିଛି ଦିନ ତଳେ ନାମାଙ୍କନ ପତ୍ର ଦାଖଲ କରାଯାଇଛି। ବିଳାସପୁର ପଞ୍ଚାୟତର ଗରିବ ସୁନା, ରୋହିତ ସୁନା ଓ ରବି ସାହୁ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଯାଞ୍ଚ ସମୟରେ ସେମାନଙ୍କ ନାମାଙ୍କନ ପତ୍ର ନାକଚ ହୋଇଥିଲା । ତେବେ ନିର୍ବାଚନ ଅଧିକାରୀ ପ୍ରଧାନ ଜାଣିଶୁଣି ନାମାଙ୍କନ ପତ୍ରଗୁଡିକ ନାକଚ କରି ଦେଇଥିବା ଅଭିଯୋଗ କରି ସୋମବାର ତାଙ୍କୁ ମନମୁଣ୍ଡାଠାରେ ଧମକ ଦିଆଯାଇଥିଲା। ଏ ନେଇ ପ୍ରଧାନ ବୁଧବାର ମନମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏହି ଘଟଣାରେ ମନମୁଣ୍ଡା ପୋଲିସ ଏକ ମାମଲା( ୧୦୩ /୨୨)ରୁଜୁ କରି ତଦନ୍ତ ଚଳାଇଛି ।

**କେନାଲ ଶୁଖିଲା, ବର୍ଷା ନାହିଁ**

# ଆଗେଇ ପାରୁନି ଖରିଫ ଚାଷ



ବରଗଡ଼-ଭେଡ଼େନ କେନାଲ ଶୁଖିଲା ପଡ଼ିଛି।

ବରଗଡ଼ ଅଫିସ୍,୧୫।୬

ବରଗଡ଼ ଜିଲାରେ ସାଧାରଣତଃ ଜୁନ ମାସରୁ ଖରିଫ ଚାଷ ଆରମ୍ଭ ହୋଇଥାଏ। ଜିଲାର ଉଭୟ ଜଳସେଚିତ ଏବଂ ଅଣଜଳସେଚିତ ଅଞ୍ଚଳରେ ଏହି ଚାଷକାର୍ଯ୍ୟ ହୋଇଥାଏ। ଜଳସେଚିତ ଅଞ୍ଚଳର ଚାଷୀମାନେ କେନାଲ ପାଣି ଏବଂ ଅଣଜଳସେଚିତ ଅଞ୍ଚଳର ଚାଷୀମାନେ ବର୍ଷା ଉପରେ ନିର୍ଭର କରିଥାନ୍ତି। ଏହିକ୍ରମରେ ଜିଲାରେ ରହିଥିବା ୩ଲକ୍ଷ ୪୮ହଜାର ହେକ୍ଟର ଚାଷପୋଯୋଗୀ ଜମି ମଧ୍ୟରୁ କେବଳ ୨ଲକ୍ଷ ୪୮ହଜାର ୯୪୪ ହେକ୍ଟର ଜମିରେ ଧାନଚାଷ ହୁଏ। ସେଥିମଧ୍ୟରୁ ଜଳସେଚିତ ଅଞ୍ଚଳର ୧ଲକ୍ଷ ୫୧ହଜାର ୫୯୪ ହେକ୍ଟର ଜମିର ଧାନଚାଷ କେନାଲ ପାଣି ଏବଂ ଅଣଜଳସେଚିତ ଅଞ୍ଚଳର ୯୭ହଜାର ୪୫୦ ହେକ୍ଟର ଜମିର ଧାନଚାଷ ବର୍ଷା ଉପରେ ନିର୍ଭର କରିଥାଏ।

ଜୁନ ୧୫ତାରିଖ ସୁଦ୍ଧା କେନାଲ ଶୁଖିଲା ପଡ଼ିଥିବାବେଳେ ବର୍ଷାର ଦେଖାନାହିଁ। କାଁଭାଁ କେତେବେଳେ ବର୍ଷା ହେଉଥିଲେ ହେଁ ତାହା ଚାଷକାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ନୁହେଁ। ଫଳରେ ଅନ୍ୟବର୍ଷ ଭଳି ଏବର୍ଷ ଖରିଫ ଚାଷକାର୍ଯ୍ୟ ଆଗେଇ ପାରିନାହିଁ। ପାଣି ଅଭାବରୁ ଚାଷୀ ଚାଷଜମି ହଳ ସୁଦ୍ଧା କରି ପାରିନାହାଁନ୍ତି। ଜୁନ ମାସରେ ବରଗଡ଼ ଜିଲାର ସ୍ୱାଭାବିକ ବୃଷ୍ଟିପାତ ପରିମାଣ ୨୦୫.୬ ମି.ମି ଅଟେ। ହେଲେ ଇତିମଧ୍ୟରେ ଏହି ମାସର ୧୫ଦିନ ବିତିଯାଇ ଥିବାବେଳେ ଜିଲାରେ ହାରାହାରି ୫.୫୫ ମି.ମି ବୃଷ୍ଟିପାତ ରେକର୍ଡ଼ କରାଯାଇଛି। ସେହିପରି ଜୁନ ୧୫ କେନାଲରେ ପାଣି ଆସିଥାଏ। କିନ୍ତୁ ଏପର୍ଯ୍ୟନ୍ତ କେନାଲ ପାଣି ମଧ୍ୟ ଆସିନାହିଁ। ଫଳରେ ଖରିଫ ଚାଷ ନେଇ ଜିଲାର ଚାଷୀମାନେ ଚିନ୍ତିତ ହୋଇପଡ଼ି ଥିବାବେଳେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଗତବର୍ଷ ଖରିଫରେ ଦେଖାଯାଇଥିବା ମରୁଡ଼ିର ପୁନରାବୃତ୍ତି ଆଶଙ୍କାରେ ରହିଛନ୍ତି।

### ଚାଷୀମାନେ ଯାହା କହନ୍ତି....

**ଆରମ୍ଭ କରିନି ଚାଷକାମ**



କେନାଲ ପାଣି ଉପରେ ମୁଁ ଚାଷକାର୍ଯ୍ୟ କରିଥାଏ। କେନାଲ ପାଣି ଆସିବା ପୂର୍ବରୁ ଯଦି ବର୍ଷା ହୋଇଥାଏ, ସେଥିରେ ମଧ୍ୟ ଜମି ହଳ କରି ଧାନ ବୁଣାବୁଣି କାମ ଆରମ୍ଭ କରିଦିଏ । ହେଲେ ଏଥର କେନାଲ ପାଣି ନାହିଁ କି ବର୍ଷାର ମଧ ଦେଖା ନାହିଁ । ଫଳରେ ଖରିଫ ଚାଷ ଆରମ୍ଭ କରିପାରି ନାହିଁ ।

-ଏକାଦଶିଆ ସାହୁ, ବରାହଗୋଡ଼ା

**ଘାରିଛି ମରୁଡ଼ି ଚିନ୍ତା**



୩ଏକର ଜମି ଅଛି। ସବୁ ଅଣଜଳସେଚିତ। ବର୍ଷା ହେଲେ ଚାଷକାର୍ଯ୍ୟ କରେ। ନଚେତ୍ ଜମି ପଡ଼ିଆ ପଡ଼େ। ଗତବର୍ଷ ଆରମ୍ଭରୁ ଭଲ ବର୍ଷା ହୋଇଥିଲା। ରୁଆଧାନ କରିବା ଆଶା କରି ଧାନ ବୁଣିଥିଲି। ହେଲେ ପରେ ବର୍ଷା ନହେବାରୁ ସେସବୁ ନଷ୍ଟ ହୋଇଥିଲା। ବର୍ଷା ହେଉନି, ଜମି ହଳ କରିନି। ଏଥର ବି ମରୁଡ଼ି ହୋଇପାରେ।

-ଜୟଧନ କରୁଆଲ, ପଗାରପାଣି

**ଚାଷକାର୍ଯ୍ୟରେ ବର୍ଷାଭାବ ବାଧା**



୧୦ଏକର ଜମି ଅଛି। ୭ଏକର ଜମିରେ ଧାନ ବୁଣିଥାଏ ଏବଂ ବାକି ୩ଏକର ଜମିରେ ରୁଆଧାନ କରେ। ସବୁଜମି ଅଣଜଳସେଚିତ ହୋଇଥିବା ଯୋଗୁ ବର୍ଷା ହେଲେ ଯାଇ ତାହା ସମ୍ଭବ ହୋଇଥାଏ। କିନ୍ତୁ ଏଥର ଏପର୍ଯ୍ୟନ୍ତ ବର୍ଷା ହୋଇନାହିଁ। ବର୍ଷା ବିଳମ୍ବିତ ହେଲେ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେବ।

-ଚକ୍ରଧର ସଗର, ପଗାରପାଣି

### ସଚେତନ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ

ସୋନପୁର,୧୫।୬(ନି. ପ୍ର)

ସୁବର୍ଣ୍ଣପୁର ଜିଲା ସଚେତନ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ ମଞ୍ଚର ସଭାପତି ସିତାଂଶୁ ଶେଖର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନିର୍ମାଣ କାର୍ଯ୍ୟ ଓ ସମ୍ବଲପୁର-ଗୋପାଳପୁର ପ୍ରସ୍ତାବିତ ନୂତନ ରେଳପଥ ସୁବର୍ଣ୍ଣପୁର ଜିଲା ଦେଇ ଯିବା ବିଷୟରେ ଆଲୋଚନା ହୋଇଥିଲା। ପୂର୍ବରୁ ଏ ନେଇ ଆଲୋଚନା ହୋଇ ଜିଲା ପ୍ରଶାସନ ଜରିଆରେ ସ୍ମାରକପତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ପ୍ରାକ୍ତନ ମନ୍ତ୍ରୀ ପଦ୍ମନାଭ ବେହେରା ଓ ବଲାଙ୍ଗୀର ଏମ୍ପି ସଂଗୀତା ସିଂଦେଓଙ୍କ ଅବଗତି ନିମନ୍ତେ ପଠାଯାଇ ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା। ରେଳ ପ୍ରକଳ୍ପ ବିଷୟରେ ପତ୍ର, ମେଲ୍, ଟୁଇଟ ଓ ଜିଲା ପ୍ରଶାସନ ଜରିଆରେ ଜଣାଯାଇ ଥିଲେ ମଧ କୌଣସି ଉତ୍ତର ନ ମିଳିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସେଥିପାଇଁ ପୁଣିଥରେ ଏକ ପତ୍ର ରେଳମନ୍ତ୍ରୀଙ୍କୁ ଲେଖିବା ସହ ଏ ନେଇ ବଲାଙ୍ଗୀର ଏମ୍ପିଙ୍କ ଅବଗତି ଲାଗି ନିଷ୍ପତ୍ତି ନିଆଗଲା। ଏଥିସହ ସୁବର୍ଣ୍ଣପୁର ସହରକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ହେରିଟେଜ ପ୍ରକଳ୍ପ ବିଷୟରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବା ନେଇ ଆଲୋଚନା ହୋଇଥିଲା। ଜିଲାର ସଦର ମହକୁମାଠାରେ ଚାଲୁ ରହିଥିବା ମହାନଦୀ ସେତୁ ଠାରୁ ତେଲନଦୀ ସେତୁ ପର୍ଯ୍ୟନ୍ତ ରିଙ୍ଗରୋଡ଼ କାର୍ଯ୍ୟ ଓ ମହାନଦୀ ସେତୁଠାରୁ କୁଞ୍ଜ ଡାବା ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟର ଅଗ୍ରଗତି ହେଉ ନ ଥିବାରୁ ପ୍ରଶାସନର କାର୍ଯ୍ୟକୁ ନେଇ ନାଗରିକ ମଞ୍ଚ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଜିଲା ପ୍ରଶାସନ ଏ ଦିଗରେ ତ୍ୱରିତ ପଦକ୍ଷେପ ନ ନେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବୈଠକରେ ସଚେତନ ନାଗରିକ ମଞ୍ଚର ସଭାପତି ମିଶ୍ରଙ୍କ ସମେତ ସମ୍ପାଦକ ଗୁଣନିଧି ମେହେର, ଧୀରେନ୍ଦ୍ର କୁମାର ପଟ୍ଟନାୟକ, ରାମକୃଷ୍ଣ ମେହେର, ପ୍ରଦୀପ ପୁରୋହିତ ,ଦୁଃଖିରାମ ନାୟକ , ମହେଶ ପୂଜାହାରୀ, ବାଙ୍କାନିଧି ରାୟଗୁରୁ, ,ସୂର୍ଯ୍ୟ ନାରାୟଣ ଦାସ, ନବଘନ ଷାଣ୍ଡ ଓ ପଞ୍ଚାନନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରସୂତି, ନବଜାତକ ଓ ଶିଶୁଙ୍କୁ ମିଳିବ ଗୁଣାତ୍ମକ ଚିକିତ୍ସା ସୁବିଧା



ଲୋକାର୍ପଣ ଉତ୍ସବରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ବଲାଙ୍ଗୀର ଏମ୍ପି ସଙ୍ଗୀତା କୁମାରୀ ସିଂହଦେଓ, ଜିଲାପାଳ ଓ ଏସ୍ପି ପ୍ରମୁଖ ମଞ୍ଚାସୀନ ଅଛନ୍ତି।

ସୋନପୁର,୧୫।୬(ନି.ପ୍ର.)

**୫୦ ଶଯ୍ୟା ବିଶିଷ୍ଟ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ଲୋକାର୍ପିତ**

ସୁବର୍ଣ୍ଣପୁର ଜିଲା ସଦର ମହକୁମାରେ ନୂତନ ଭାବେ ନିର୍ମିତ ୫୦ ଶଯ୍ୟା ବିଶିଷ୍ଟ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ବୁଧବାର ଲୋକାର୍ପିତ ହୋଇଯାଇଛି। ସୋନପୁର ବିଧାୟକ ତଥା ଅର୍ଥ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ବଲାଙ୍ଗୀର ଏମ୍ପି ସଙ୍ଗୀତା କୁମାରୀ ସିଂହଦେଓ ଅତିଥି ଭାବେ ଯୋଗଦାନ କରି ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଲୋକାର୍ପିତ କରିଛନ୍ତି। ଜିଲାବାସୀଙ୍କ ଏହା ଦୀର୍ଘଦିନର ଦାବି ଥିଲା। ଏହି ଅତ୍ୟାଧୁନିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଟିଏ ଛାତ ତଳେ ପ୍ରସୂତି ମହିଳା, ନବଜାତକ, ଶିଶୁ ଓ କିଶୋରଙ୍କୁ ଗୁଣାତ୍ମକ ଚିକିତ୍ସା ସୁବିଧା ମିଳିବ। ଏହା ସୁବର୍ଣ୍ଣପୁର ଜିଲା ପାଇଁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ବୋଲି ମନ୍ତ୍ରୀ ପୂଜାରୀ ଓ ଏମ୍ପି ସିଂହଦେଓ ପ୍ରକାଶ କରିଥିଲେ। ଲୋକାର୍ପଣ ଉତ୍ସବରେ ଜିଲାପାଳ ଅବୋଲି ସୁନିଲ ନରୱଣେ ଅଧକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ସୁପାର ଠେଲା, ଏସ୍ପି ଅମରେଶ କୁମାର ପଣ୍ଡା, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଞ୍ଜନ ପତି ଯୋଗଦାନ କରିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନୁଦାନରେ ୧୪କୋଟି ୪ଲକ୍ଷ ୯୦ହଜାର ଟଙ୍କା ବ୍ୟୟରେ ତିନି ମହଲା ବିଶିଷ୍ଟ ଏହି ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସୂତି ଓ ଶିଶୁଙ୍କ ପାଇଁ ଓପିଡି, ଟିକାକରଣ, ଲାବୋରେଟୋରୀ, ଲେବର ରୁମ୍, ପ୍ରି ଡେଲିଭରି ଅବଜରଭେଶନ ରୁମ, ଆଶା ଗୃହ, ଡାକ୍ତରଙ୍କ କକ୍ଷ, ନର୍ସ ଡ୍ୟୁଟି ରୁମ୍, ଏସଏନସିୟୁ, କଙ୍ଗାରୁ ମଦର କେୟାର ୟୁନିଟ, ୨୦ ଶଯ୍ୟା ବିଶିଷ୍ଟ ଏଏନସି ୱାର୍ଡ, ଓଟି ବ୍ଲକ, ୨୦ ଶଯ୍ୟା ବିଶିଷ୍ଟ ପୋଷ୍ଟ ନାଟାଲ ୱାର୍ଡ ଓ ୧୦ ଶଯ୍ୟା ବିଶିଷ୍ଟ ଶିଶୁ ୱାର୍ଡ ରହିଥିବା ଏନଏଚଏମ ଡିପିଏମ୍ ବିଶ୍ୱମ୍ବର ବେହେରା ସୂଚନା ଦେଇଥିଲେ। ଏଡିପିଏଚଓ(ଟିବି) ଡା. ପଦ୍ମହଂସା ଦୋରା, ଏଡିପିଏଚଓ(ପରିବାର କଲ୍ୟାଣ) ଡା. ମଞ୍ଜୁରାଣୀ ସିଂ, ଜିଲା ପରିଷଦ ଉପାଧକ୍ଷ ଝସକେତନ ବଘାର, ତରଭା ବ୍ଲକ ଅଧକ୍ଷ ସରୋଜ କମ୍ପ, ଉଲୁଣ୍ଡା ବ୍ଲକ ଅଧକ୍ଷା ଶାନ୍ତିଲତା ମିଶ୍ର, ସୋନପୁର ବ୍ଲକ ଅଧକ୍ଷ ପ୍ରହ୍ଲାଦ ନାୟକ, ପ୍ରାକ୍ତନ ନଗରପାଳ ପ୍ରକାଶ ସାହୁ, ପ୍ରମୋଦ ମହାପାତ୍ର, କଇରୁ ସ୍ୱାଇଁ, ବଲାଙ୍ଗୀର ଏମ୍ପିଙ୍କ ସୁବର୍ଣ୍ଣପୁର ଜିଲା ପ୍ରତିନିଧି ଶରତ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଲୋକାର୍ପଣ ଉତ୍ସବ ପ୍ରାରମ୍ଭରେ ବିଜେଡି ଓ ଭାଜପା ସମର୍ଥକମାନେ ମନ୍ତ୍ରୀ ଓ ଏମ୍ପିଙ୍କ ସପକ୍ଷରେ ସ୍ଲୋଗାନ ଦେବାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ରାଜନୈତିକ ନେତୃବୃନ୍ଦ ଏବଂ ପୋଲିସ ପ୍ରଶାସନର ହସ୍ତକ୍ଷେପ ପରେ ସ୍ଥିତିକୁ ନିୟନ୍ତ୍ରଣ କରାଯାଇଥିଲା।

## ନିଷ୍ଠା ପରିବାରର ପ୍ରତିଷ୍ଠା ସମାରୋହ

ବରଗଡ଼ ଅଫିସ୍,୧୫।୬

ବରଗଡ଼ର ସାମାଜିକ ସଂଗଠନ ନିଷ୍ଠା ପରିବାରର ୧୩ତମ ପ୍ରତିଷ୍ଠା ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ସଦର ଥାନା ଅଧିକାରୀ ସ୍ୱପ୍ନାରାଣୀ ଗୋଚ୍ଛାୟତ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିବୃନ୍ଦ ନିଷ୍ଠା ପରିବାରର ସମାଜସେବାକୁ ପ୍ରଶଂସା କରିଥିଲେ। ପ୍ରସ୍ତାବିତ ନିଷ୍ଠା ବୃଦ୍ଧାଶ୍ରମରେ ସହଯୋଗ କରିବା ପାଇଁ ବିଧାୟକ ଆଚାର୍ଯ୍ୟ ପ୍ରତିଶୃତି ଦେଇଥିଲେ। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୬୬ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ସମାଜସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବଲପୁରର ସମ୍ବଲ ପରିବାର, ପରିଚୟ ପରିବାର, ଏବିସିଡ଼ି ଚେରିଟେବୁଲ ଟ୍ରଷ୍ଟ, ରେମଣ୍ଡାର ଶପଥ ପରିବାର, ନୂଆପଡ଼ାର ରଜତ କୁମାର ପାଣିଗ୍ରାହୀ, ୬୦ରକ୍ତଦାତା ଦମ୍ପତି, ବ୍ୟଙ୍ଗ କବି ସଚ୍ଚି ପଣ୍ଡା, ସୁଶିଲ ମିଶ୍ର, ଅଚ୍ୟୁତ ପୁରୋହିତ, ନୀତିଶ ଆଚାର୍ଯ୍ୟ, ଦେବେନ୍ଦ୍ର ସାହୁଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା । ନିଷ୍ଠା ପରିବାରର ସଭାପତି ରକ୍ଷପାଳ ସାହୁ, ସମ୍ପାଦକ ଲୋକନାଥ ସାହୁ ପ୍ରମୁଖ ମଧ୍ୟ ମଞ୍ଚାସୀନ ଥିଲେ। ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ ବିବରଣୀ ପାଠ କରିଥିବାବେଳେ ମୋହନ ଦାଶ ମଞ୍ଚ ସଂଯୋଜନା କରିଥିଲେ। ଶେଷରେ ହାସ୍ୟକବି ସମ୍ମିଳନୀ ହୋଇଥିଲା। କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ମହିଳା ଶାଖା ସଂଯୋଜିକା ତ୍ରିପୁରା ସୁହୁଲା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କ୍ଷୀରୋଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ପ୍ରତିଷ୍ଠା ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।

### ଜିଲା ମୁସଲିମ୍ କମିଟି ଗଠିତ

ବରଗଡ଼ ଅଫିସ୍,୧୫।୬

ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଜିଲାରେ ରହିଥିବା ୧୫ଟି ମସଜିଦ କମିଟିକୁ ନେଇ ବରଗଡ଼ ଜିଲା ମୁସଲିମ କମିଟି ଗଠିତ ହୋଇଛି । ଏହି କମିଟିରେ ସେକ୍ ନଜିମୁଦ୍ଦିନ ସଭାପତି, ମହମ୍ମଦ ବାବୁଲୁଙ୍କୁ ଉପସଭାପତିଭାବେ ମନୋନୀତ କରାଯାଇଛି। ଏହି ଅବସରରେ ହୋଇଥିବା ବୈଠକରେ ଜିଲାର ୧୫ଟି ମସଜିଦର ସଭାପତି, ସମ୍ପାଦକମାନେ ଉପସ୍ଥିତ ଥିଲେ। ଜିଲାରେ ସମସ୍ତ ସମାଜର ସହିତ ସମନ୍ୱୟ ରଖି ମୁସଲିମ ସମାଜର ଉନ୍ନତି ପାଇଁ କମିଟି କାମ କରିବ ବୋଲି ଜିଲା ମୁସଲିମ କମିଟିର ସଭାପତି ସେକ୍ ନଜିମୁଦ୍ଦିନ କହିଛନ୍ତି ।

## ସଦ୍‌ଗୁରୁ କବିର ସାହେବଙ୍କ ପ୍ରକଟ ଦିବସ

ବରଗଡ଼ ଅଫିସ୍,୧୫।୬

ବରଗଡ଼ରେ ସଦ୍‌ଗୁରୁ କବିର ସାହେବଙ୍କ ପ୍ରକଟ ଦିବସ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ପନିକା ସମାଜ ପକ୍ଷରୁ ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ଼ ନଂ-୧୨ସ୍ଥିତ କବିର ମନ୍ଦିର ପରିସରରେ ଦୀର୍ଘ ୧୩ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିଥିଲା। ପନିକା ସମାଜର ସଭାପତି ବିଜୟ ଦାସଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି କାର୍ଯ୍ୟକ୍ରମରେ ଆୟୋଜିତ ସଭାରେ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ଛତିଶଗଡ଼ର ମହନ୍ତ ତୁଳସୀ ଦାସ ମୁଖ୍ୟବକ୍ତା, ସମାଜସେବୀ କିଶୋର ମିଶ୍ର, ପ୍ରଦୀପ ଥପା, କାଉନସିଲର କବିତା ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସଦ୍‌ଗୁରୁ କବିରଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବା ପାଇଁ ଅତିଥିବୃନ୍ଦ ଆହ୍ୱାନ କରିଥିଲେ। ଏହି ଅବସରରେ ଧାର୍ମିକ ଚର୍ଚ୍ଚାର ଆୟୋଜନ ସହିତ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ପନିକା ସମାଜର ସମ୍ପାଦକ ମହେଶ ଦାସ, ମହନ୍ତ ମହାଜନ ଦାସ, ମହନ୍ତ ଭଗବାନ ଦାସ, ଶିବା ଦାସ, ରମେଶ ଦାସ, ମହେଶ ଦାସ, ସୁନିଲ ବଘେଲ, ରାମାନନ୍ଦ ଦାସ, ଭୋଲା ଦାସ, ଡମ୍ବରୁ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପନିକା ସମାଜର ନାରୀନେତ୍ରୀ ରାଜକୁମାରୀ ଦାସ ସମସ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।



ସଦଗୁରୁ କବିର ସାହେବଙ୍କ ପ୍ରକଟ ଦିବସରେ ଅତିଥିବୃନ୍ଦ।

## ବହୁମୁଖୀ ପ୍ରତିଭା ଥିଲେ ନାଟ୍ୟ ମହର୍ଷି ଭଗବାନ ସାହୁ

ବରଗଡ଼ ଅଫିସ୍/କାମଟିକ୍ରା/କେସାହେଲା/ବରପାଲି,୧୫।୬

ନାଟ୍ୟ ମହର୍ଷି ସ୍ୱର୍ଗତ ଭଗବାନ ସାହୁ ଏକାଧାରରେ ସେ ଜଣେ ନାଟ୍ୟକାର, କବି, ଲେଖକ, ସାହିତ୍ୟିକ, ନୃତ୍ୟଗୁରୁ ଥିଲେ। ସମ୍ବଲପୁରୀ ଭାଷାର ପ୍ରଚାରରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ତାଙ୍କ ସମ୍ବଲପୁରୀ ନାଟକ ବୀର ସୁରେନ୍ଦ୍ର ସାଏ ଏବଂ ଶବ୍ଦନୃତ୍ୟ ପୁସ୍ତକ ତଥା କଳାକାରଙ୍କ ପାଇଁ ପ୍ରେରଣାର ଉତ୍ସ। ବୁଧବାର ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁ ଜୟନ୍ତୀ ସମାରୋହରେ ଏହା ମତପ୍ରକାଶ ପାଇଛି। ଗୁରୁ ଭଗବାନ ସାହୁ ସ୍ମୃତି କମିଟି ପକ୍ଷରୁ ବରଗଡ଼ସ୍ଥିତ ଏ.ଇ ମିଶନ ସ୍କୁଲ ପ୍ରାଙ୍ଗଣରେ ଜୟନ୍ତୀ ସମାରୋହ ହୋଇଥିଲା। ପ୍ରଦୀପ ଦେବତାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡଃ ସୁଜିତ ପୃଷେଠ, ଡଃ ମନୋରଞ୍ଜନ ମେହେର, ଡଃ ଶେଷନ ବିଶି, ରକ୍ଷାକାରୀ ବିଶି, ଦାଶରଥି ସାହୁ ପ୍ରମୁଖ ଯୋଗଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦଧିବାମନ ଶତପଥି, ରବିନ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ତେଜରୁ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।



ସୋହେଲାରେ ଅନୁଷ୍ଠିତ ଭଗବାନ ସାହୁ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

ଅତାବିରା ଆଞ୍ଚଳିକ ସାହିତ୍ୟ ପରିଷଦ ପକ୍ଷରୁ ରେଙ୍ଗାଲିକ୍ୟାମ୍ପଠାରେ ନାଟ୍ୟଗୁରୁ ଭଗବାନ ସାହୁଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଦଶରଥ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ସମ୍ପାଦକ ସୁରେନ୍ଦ୍ର କଠାର ପରିଚାଳନା କରିଥିଲେ। ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ କରାଯାଇଥିଲା। ସଭାରେ ପରିଷଦର ସଦସ୍ୟ ସୁବାଷ ପ୍ରଧାନ, କବି କିଶୋର ଚନ୍ଦ୍ର ପାତ୍ର, ସଞ୍ଜୁ ପ୍ରଧାନ, କେତନ ରଣା, ଦୁର୍ଲ୍ଲଭ ଗଡ଼ତିଆ, ଅବସରପ୍ରାପ୍ତ ଶିକ୍ଷକ ସନ୍ତୋଷ ପ୍ରଧାନ, ଶଙ୍ଖ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସୋହେଲାରେ ସ୍ଥାନୀୟ ଅନୁଷ୍ଠାନ ଡ୍ରାମା ଚେତନା ପକ୍ଷରୁ ନାଟ୍ୟଗୁରୁ ଭଗବାନ ସାହୁଙ୍କ ଜୟନ୍ତୀ ସମାରୋହ ପାଳନ କରାଯାଇଥିଲା। ଅନୁଷ୍ଠାନ ଉପସଭାପତି ସୁଶାନ୍ତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସଭାରେ ଅଧ୍ୟାପକ ଟେକଚାନ୍ଦ ଦୁଆନ ମୁଖ୍ୟଅତିଥି, ଅଧ୍ୟାପକ ସୁକୁମାର ଭୋଇ ସମ୍ମାନିତ ଅତିଥି, ଦୁର୍ଗାପୂଜା କମିଟି ସମ୍ପାଦକ ଲଳିତ ଅଗ୍ରୱାଲ, ଅନିଲ ପ୍ରଧାନ, କବି ରାଜେଶ କାରିଆ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। କବି ରଞ୍ଜିତ ପ୍ରଧାନ ସଙ୍ଗୀତ ଗାନ କରିଥିଲେ। ଡ୍ରାମା ଚେତନାର କଳାକାର କ୍ଷୀରୋଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବରପାଲି ବ୍ଲକ କୁମ୍ଭାରୀରେ ଭଗବାନ ସାହୁ ସ୍ମୃତି କମିଟି ପକ୍ଷରୁ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ କୁମାର ସାହୁ ସଭାପତିତ୍ୱ କରିଥିଲେ। ବରଗଡ଼ ଲୋକସଭା ଏମପି ସୁରେଶ ପୂଜାରୀ ମୁଖ୍ୟଅତିଥି, ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର ମୁଖ୍ୟବକ୍ତା, ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ସନତ ଗଡ଼ତିଆ, ଜିଲା ପରିଷଦ ସଭ୍ୟା ସଂଯୁକ୍ତା ସାହୁ, ଅଧ୍ୟାପକ ନାରାୟଣ ଭୋଇ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ସଚିନ ମହାପାତ୍ର ସ୍ୱାଗତ ଭାଷଣ ଏବଂ ସେବାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।